## ବଜ୍ରପାତରେ ଦିନମଜୁରିଆଙ୍କ ମୃତ୍ୟୁ

ରୂପସା, (ଡି.ଏନ.ଏ.): ବାଲେଶ୍ୱର ସଦର ବ୍ଲକର କୁରାଡ଼ିହା ପଞ୍ଚାୟତ ରହିମପଡ଼ା ଗ୍ରାମର ଜଣେ ଦିନମଜୁରିଆ ସୋମବାର ବଜ୍ରପାତରେ ପ୍ରାଣ ହରାଇଛନ୍ତି। ମୃତକ ହେଲେ ଏହି ଗ୍ରାମର ଅକ୍ରୁର ଦାସ (୪୮)। ସେ ବିଲରେ କାମ କରୁଥିବା ବେଳେ ବଜ୍ରପାତର ଶୀକାର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଚେତାଶୂନ୍ୟ ଅବସ୍ଥାରେ ଉଦ୍ଧାର କରି ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ଏନେଇ ବସ୍ତା ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି।

## ସଂକ୍ଷେପରେ

### ମହିଳାଙ୍କ ବେକରୁ ସୁନାଚେନ ଝାମ୍ପିନେଲେ

ବାସୁଦେବପୁର, ୨।୮(ଡି.ଏନ.ଏ.): ଭଦ୍ରକ ଜିଲା ବାସୁଦେବପୁର ବ୍ଲକର ବାଲିଛନ୍ଦାଘାଟ-ଜଗନ୍ନାଥପୁର ରାସ୍ତାର କର୍ଣ୍ଣିଆନାଳୀ ପୋଲ ନିକଟରୁ ସୋମବାର ଅପରାହ୍ନରେ ଜଣେ ମହିଳାଙ୍କ ବେକରୁ ୨ ଦୁର୍ବୃତ୍ତ ସୁନାଚେନ୍ ଝାମ୍ପି ନେଇଛନ୍ତି। କୁମାରପୁର ଗ୍ରାମର ମମତାଞ୍ଜଳୀ ସାହୁ ତାଙ୍କ ସ୍ୱାମୀ ପ୍ରଫୁଲ୍ଲଙ୍କ ସହିତ ସୋରକୁ କୌଣସି କାମ ପାଇଁ ଯାଉଥିବା ବେଳେ ଉକ୍ତ ପୋଲ ନିକଟରେ ଏକ ବାଇକ୍‌ରେ ଦୁଇ ଜଣ ଯୁବକ ଆସି ତାଙ୍କ ବେକରୁ ସୁନାହାରକୁ ଛିଡ଼ାଇ ନେଇ ଦ୍ରୁତ ଗତିରେ ପଳାଇ ଯାଇଥିଲେ। ସନ୍ଧ୍ୟାରେ ଏନେଇ ବାସୁଦେବପୁର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ ଚଳାଇଛି।

### ଭିନ୍ନକ୍ଷମ ଭତ୍ତା ପାଇଁ ଗୁହାରି କଲେ ଦୁଇ ଦିବ୍ୟାଙ୍ଗ ଭଉଣୀ

ବନ୍ତ,୨।୮(ଡି.ଏନ୍.ଏ.) : ଭଦ୍ରକ ଜିଲା ବନ୍ତ ବ୍ଲକ ଆଡିଆ ପଞ୍ଚାୟତ ନିମଗଡିଆ ଗ୍ରାମର ଦୁଇ ଦିବ୍ୟାଙ୍ଗ ଭଉଣୀ ଭିନ୍ନକ୍ଷମ ଭତ୍ତା ପାଇଁ ବିଡିଓଙ୍କୁ ଗୁହାରି କରିଛନ୍ତି। ଉକ୍ତ ଗ୍ରାମର ମଦନ ମୋହନ ଦାସଙ୍କର ଦୁଇ ଦିବ୍ୟାଙ୍ଗ ଝିଅ ହେଉଛନ୍ତି ସଞ୍ଜୁଲତା ଓ ରଞ୍ଜୁଲତା। ମଦନ ମୋହନ ଜଣେ ଅନୁସୂଚିତ ଜାତି ତଥା ଗରିବ ଶ୍ରେଣୀର ବ୍ୟକ୍ତି ଅଟନ୍ତି। ୩ ଝିଅ, ସ୍ତ୍ରୀ ସମେତ ୫ ପ୍ରାଣୀ କୁଟୁମ୍ବଙ୍କୁ ନେଇ ବହୁ କଷ୍ଟରେ ସେ ପରିବାର ଚଳାଉଛନ୍ତି। ଦୁଇ ଝିଅ ଦିବ୍ୟାଙ୍ଗ ହୋଇଥିବାରୁ ଭିନ୍ନକ୍ଷମ ଭତ୍ତା ପାଇଁ ଅନ୍‌ଲାଇନରେ ଆବେଦନ କରିଥିବା କଥା ତାଙ୍କ ବାପା କହିଛନ୍ତି।

### ଯୁବକଙ୍କ ଆକସ୍ମିକ ମୃତ୍ୟୁ

ବଡ଼ସାହି,୨।୮: ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ ଅଧୀନ ଦାମୋଦରପୁର ଗ୍ରାମର ଦେବେନ୍ଦ୍ର ମୁର୍ମୁଙ୍କ ପୁଅ ସାଲୁ (୨୦)ଙ୍କ ଆକସ୍ମିକ ମୃତ୍ୟୁ ହୋଇଛି। ଦେହ ଅସୁସ୍ଥ ହେତୁ ପରିବାର ଲୋକେ ତାଙ୍କୁ ବାରିପଦା ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି କରିଥିଲେ। ତେବେ ଚିକିତ୍ସା ସମୟରେ ତାଙ୍କର ମୃତ୍ୟୁ ହୋଇଥିଲା। ବଡ଼ସାହି ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୪୨/୨୨)ରୁଜୁ ହୋଇଛି।

### ପୋଖରୀରୁ ମିଳିଲା ଶିଶୁକନ୍ୟାଙ୍କ ମୃତଦେହ

ବାସୁଦେବପୁର, ୨।୮(ଡି.ଏନ.ଏ.): ଭଦ୍ରକ ଜିଲା ବାସୁଦେବପୁର ବ୍ଲକର ଗୋପବନ୍ଧୁନଗର ପଞ୍ଚାୟତର ଗୋପବନ୍ଧୁନଗର ଗ୍ରାମର ପିତାମ୍ବର ଦାସଙ୍କ ଦେଢ଼ବର୍ଷର ଶିଶୁକନ୍ୟା ଅନୁପମାଙ୍କର ମୃତଦେହ ନିକଟସ୍ଥ ପୋଖରୀରୁ ସୋମବାର ଅପରାହ୍ନରେ ପରିବାର ଲୋକ ଉଦ୍ଧାର କରିଛନ୍ତି। ସଂଜ୍ଞାହୀନ ଅବସ୍ଥାରେ ଶିଶୁକନ୍ୟାଙ୍କୁ ପୋଖରୀରୁ ଉଦ୍ଧାର କରିବାପରେ ଚିକିତ୍ସା ପାଇଁ ବାସୁଦେବପୁର ଡାକ୍ତରଖାନାକୁ ଅଣାଯାଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ପରଲୋକ

ବାସୁଦେବପୁର, ୨।୮(ଡି.ଏନ.ଏ.): ଭଦ୍ରକ ଜିଲା ବାସୁଦେବପୁର ବ୍ଲକର ଜଗନ୍ନାଥପୁର ପଞ୍ଚାୟତର ବଚ୍ଛଦା ଗ୍ରାମର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କମଳାକାନ୍ତ ଭୋଇ (୮୦)ଙ୍କର ମଙ୍ଗଳବାର ଅପରାହ୍ନରେ ମୃତ୍ୟୁ ହୋଇଛି। ଗତ କିଛି ଦିନ ଧରି ସେ ଅସୁସ୍ଥ ଥିଲେ। ସ୍ୱର୍ଗତ ଭୋଇ ଦୀର୍ଘବର୍ଷ ଧରି ବଚ୍ଛଦା ପ୍ରାଇମେରୀ ବିଦ୍ୟାଳୟ ଗୁଣ୍ଠୁଣୀରେ କାର୍ଯ୍ୟ କରି ବେଶ୍ ଲୋକପ୍ରିୟତା ହାସଲ କରିଥିଲେ। ତାଙ୍କ ମୃତ୍ୟୁରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

# ନୂଆ ଭୋଟର ହେବା ପାଇଁ ବର୍ଷକୁ ୪ଥର ସୁଯୋଗ

ଭଦ୍ରକ ଅଫିସ,୨।୮




ବୈଠକରେ ଉପସ୍ଥିତ ଅଧିକାରୀ।

ଫଟୋ ଭୋଟର ତାଲିକା ୨୦୨୩ ପ୍ରସ୍ତୁତି ନେଇ ସୋମବାର ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅଗଷ୍ଟ ପହିଲାଠାରୁ ଶୁଭାରମ୍ଭ କରାଯାଉଥିବା ଆଧାର ସଂଯୋଗୀକରଣ କାର୍ଯ୍ୟକ୍ରମ ସମ୍ବନ୍ଧରେ ଅବଗତ ଉଦ୍ଦେଶ୍ୟରେ ରାଜନୈତିକ ଦଳର କର୍ମକର୍ତ୍ତା ଓ ପ୍ରତିନିଧି, ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ନେଇ ଅନୁଷ୍ଠିତ ଏହି ବୈଠକରେ ଅତିରିକ୍ତ ଜିଲାପାଳ ରାମଦାସ ଟୁଡୁ, ଉପଜିଲାପାଳ ମନୋଜ ପାତ୍ର ଉପସ୍ଥିତ ଥିଲେ। କେନ୍ଦ୍ର ସରକାରଙ୍କ ଆଇନ୍ ଓ ବିଚାର ବିଭାଗ ମନ୍ତ୍ରଣାଳୟ ଦ୍ୱାରା ଲୋକ ପ୍ରତିନିଧି ଆଇନ୍ ୧୯୫୦/୫୧ର ପରିବର୍ତ୍ତନ କରାଯାଇ ସଂଶୋଧିତ ଭୋଟର ପଞ୍ଜୀକରଣ ଆଇନ୍ – ୨୦୨୨ ଅନୁଯାୟୀ ରୂପାନ୍ତରିତ ପଞ୍ଜୀକରଣ ଫର୍ମର କାର୍ଯ୍ୟକାରୀତା ସମ୍ବନ୍ଧରେ ଜିଲାପାଳ ସୂଚନା ପ୍ରଦାନ କରିବା ପରେ ଉପଜିଲାପାଳ ପୁଙ୍ଖାନୁପୁଙ୍ଖ ଭାବେ ବୁଝାଇଥିଲେ। ପରିବର୍ତ୍ତନ ଅନୁଯାୟୀ ପୂର୍ବରୁ ନୂଆ ଭୋଟରଙ୍କ ପଞ୍ଜୀକରଣ ଏବଂ ଗୋଟିଏ ନିର୍ବାଚନ ମଣ୍ଡଳୀରୁ ଅନ୍ୟ ଗୋଟିଏ ନିର୍ବାଚନ ମଣ୍ଡଳୀକୁ ସ୍ଥାନାନ୍ତରଣ ସୁବିଧା ପାଇଁ ବ୍ୟବହାର କରାଯାଉଥିବା ୬ନଂ. ଫର୍ମକୁ ଏବେ କେବଳ ନୂତନ ଭୋଟଙ୍କ ପଞ୍ଜୀକରଣ ପାଇଁ ବ୍ୟବହାର କରାଯିବ। ଯୁବବର୍ଗଙ୍କ ପାଇଁ ଭୋଟର ହେବାକୁ ପୂର୍ବରୁ ବର୍ଷକୁ ଥରେ ମାତ୍ର ସୁଯୋଗ ଥିବା ବେଳେ ଏବେ ୪ଥର ସୁଯୋଗ ମିଳିପାରିବ। ଜାନୁୟାରୀ ୧, ଏପ୍ରିଲ ୧, ଜୁଲାଇ ୧ ଏବଂ ଅକ୍ଟୋବର ୧ ବେଳକୁ ଯେଉଁ ନାଗରିକ ମାନଙ୍କର ବୟସ ୧୮ ହେବ ସେମାନେ ପରବର୍ତ୍ତୀ ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମରେ ନିଜ ନାମକୁ ଭୋଟର ତାଲିକାରେ ପଞ୍ଜୀକରଣ କରିପାରିବେ। ସ୍ୱେଚ୍ଛାକୃତ ଭାବେ ଭୋଟରଙ୍କଠାରୁ ଆଧାର ବିବରଣୀ ସଂଗ୍ରହ କରାଯିବ। ଆଧାର ବିବରଣୀ ଦାଖଲ କରିବା ନିମନ୍ତେ ନୂତନ ଫର୍ମ ୬(ଖ) ପ୍ରଚଳନ କରାଯାଇଛି।

**ଯୋଗ, ବାଦ୍, ସଂଶୋଧନ ଏବଂ ଆଧାର ସଂଯୋଗୀକରଣ କାର୍ଯ୍ୟକ୍ରମ**

# ଜଗନ୍ନାଥଙ୍କୁ ଯୁବା ଗୌରବ ସମ୍ମାନ

କେନ୍ଦୁଝର, ୨।୮(ସ୍ୱ.ପ୍ର.)



କେନ୍ଦୁଝର ଜିଲା ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ଭଗାମୁଣ୍ଡା ପଞ୍ଚାୟତ ନୂଆଗାଁ ଗ୍ରାମରୁ ବାହାରି ବିଶ୍ୱ ରେକର୍ଡର ଅଧିକାରୀ ହୋଇପାରିଛନ୍ତି ଜଗନ୍ନାଥ ମହାନ୍ତି। ତାଙ୍କ ପିତା ହେଲେ ଶିକ୍ଷକ ଶ୍ୟାମ ସୁନ୍ଦର ମହାନ୍ତ ଓ ମା' ହେଲେ ଶକୁନ୍ତଳା। ଜଗନ୍ନାଥଙ୍କୁ ୟୁଥ ଭିଜନ ୱେଲ ଫେୟାର ସୋସାଇଟି, ଉତ୍ତର ପ୍ରଦେଶ ପକ୍ଷରୁ ଚଳିତବର୍ଷର ଯୁବା ଗୌରବ ସମ୍ମାନ ଏବଂ ବ୍ଲେଡ ୱାରିଓର ଆୱାର୍ଡ ୨୦୨୧ – ୨୨ ସାହାରଙ୍ଗପୁରର ଦିଲ୍ଲୀ ପବ୍ଲିକ ସ୍କୁଲ ଠାରେ ଗତ ୨୮ ତାରିଖରେ ପ୍ରଦାନ କରାଯାଇଛି।

ଉକ୍ତ ସଭାରେ ମୁଖ୍ୟ ଅତିଥି ଭାବେ ଦେବେନ୍ଦ୍ର କୁମାର ନିମ ( ରାମପୁର ବିଧାୟକ), ପୂର୍ବତନ ଏମ୍‌ପି ରାଘବ ଲଖନପାଲ ଶର୍ମା, ଡିଷ୍ଟ୍ରିକ ୟୁଥ ଅଫିସର୍ ଶୁଭମ ଜୈନ, ସାହାରଙ୍ଗ ପୁର ଜିଲାପାଳ ଅଖିଳେଶ ସିଂହ ଉପସ୍ଥିତ ଥିଲେ। ଜଗନ୍ନାଥଙ୍କୁ ଦେବେନ୍ଦ୍ର କୁମାର ନିମ ମାନପତ୍ର ପ୍ରଦାନ କରିଥଲେ। ଏହି ପୁରସ୍କାର ସାରା ଭାରତ ବର୍ଷରୁ ୩୦ ଜଣଙ୍କୁ ପ୍ରଦାନ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ଓଡ଼ିଶାରୁ ଏକମାତ୍ର ଓଡ଼ିଆ ପୁଅ ଭାବେ ଜଗନ୍ନାଥ ସ୍ଥାନ ପାଇଥିଲେ। ପିଲାଦିନରୁ ପାଠ ପଢା ସହିତ ସମାଜର ମଙ୍ଗଳ କାର୍ଯ୍ୟରେ ନିୟୋଜିତ ହେବାପାଇଁ ଇଚ୍ଛା ପ୍ରକାଶ କରିଥିଲେ। ସେବେଠାରୁ ପରିବାର ସହଯୋଗରେ ସେ ବିଭିନ୍ନ ସାମାଜିକ ସଙ୍ଗଠନରେ ସକ୍ରିୟ ଭାବେ ଜଡ଼ିତ ରହି ୨୦ ଥର ରକ୍ତ ଦାନ, ସ୍ୱଚ୍ଛ ଭାରତ ଅଭିଯାନ , ବୃକ୍ଷରୋପଣ , ଯୁବ ସଶକ୍ତିକରଣ, ପରିବେଶ ସୁରକ୍ଷା ଭଳି ଜନକଲ୍ୟାଣ କାର୍ଯ କରିଆସୁଛନ୍ତି। ପୂର୍ବରୁ ଜଗନ୍ନାଥ ଇଣ୍ଟରନ୍ୟାଶନାଲ ବୁକ ଅଫ ରେକର୍ଡ୍ସ, ୟୁନିଭର୍ସାଲ ବୁକ ଅଫ ରେକର୍ଡ୍ସ, ଇଣ୍ଡିଆନ ବୁକ ଅଫ ରେକର୍ଡ୍ସରେ ନିଜ ନାମ ସ୍ୱର୍ଣ୍ଣ ଅକ୍ଷରରେ ଲିପିବଦ୍ଧ କରାଇଛନ୍ତି। ଏଥିସହିତ ସେ ଜଣେ ପର୍ବତାରୋହୀ ଭାବେ ମଧ ୱାର୍ଲ୍ଡ ୱାଇଡ ବୁକ ଅଫ ରେକର୍ଡ୍ସରେ ନିଜକୁ ସ୍ଥାନୀତ କରିଛନ୍ତି।

# ପାୱାର ଗ୍ରୀଡ୍ ଥାଇ ବାରମ୍ବାର ବିଦ୍ୟୁତ୍‌କାଟ

**ଲୋ-ଭୋଲ୍‌ଟେଜ ଯୋଗୁ ଲୋକେ ଅତିଷ୍ଠ**

ଢେଙ୍କିକୋଟ,୨।୮(ଡି.ଏନ.ଏ.)



କେନ୍ଦୁଝର ଜିଲା ଢେଙ୍କିକୋଟ ଏକ ବ୍ୟବସାୟିକ ବହୁଳ ସ୍ଥାନ। ଏଠାରେ ୫ ଶହରୁ ଉର୍ଦ୍ଧ୍ୱ ବ୍ୟବସାୟିକ ପ୍ରତିଷ୍ଠାନ ରହିଛି। ଏଠାକୁ ପୂର୍ବରୁ ଦୀର୍ଘ ୫୯ କି.ମି. ଦୂର ପଳାଶପଙ୍ଗା ପାୱାର ଗ୍ରୀଡ଼ରୁ ଢେଙ୍କିକୋଟ ନେସ୍କୋ ସବଷ୍ଟେସନକୁ ବିଦ୍ୟୁତ୍‌ଯୋଗାଣ କରାଯାଉଥିଲା। ଏହି ବିଦ୍ୟୁତ୍ କରେଣ୍ଟ ତାର ମାଧ୍ୟମରେ ବଣ ବିଲ ପାହାଡ଼ ମଧ ଦେଇ ଆସୁଥିବାରୁ ବର୍ଷା ପବନ ହେଲେ ତାର ଉପରେ ଗଛ ଡାଳ ପଡ଼ିଯିବାରୁ ଦୀର୍ଘ ଦିନ ଧରି ବିଦ୍ୟୁତ୍ ସରବରାହ ବନ୍ଦ ରହୁଥିଲା। ମାତ୍ର ଏହାର ପ୍ରତିବାଦ କରିବାରୁ ଦୀର୍ଘ ୫ ବର୍ଷ ହେବ ଢେଙ୍କିକୋଟ ପଞ୍ଚାୟତ ଟିଙ୍କିରା ଗ୍ରାମଠାରେ ଏକ ପାୱାର ଗ୍ରୀଡ୍ ସ୍ଥାପନ ହୋଇ ସେଠାରୁ ବିଦ୍ୟୁତ୍ ଯୋଗାଣ ହେଉଛି। ଯାହାକି ମାତ୍ର ୧ କି.ମି. ଦୂର ହେବ। ଏହା ସତ୍ତ୍ୱେ ଢେଙ୍କିକୋଟ ବଜାରକୁ ଦିନକ ମଧ୍ୟରେ ୨୦ରୁ ଅଧିକ ଥର ବିଦ୍ୟୁତ୍‌କାଟ କରାଯାଉଛି। ଏନେଇ ଉପଭୋକ୍ତାମାନେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଜୁନିୟର ଇଞ୍ଜିନିୟର ଦେବାଶିଷ ସ୍ୱାଇଁଙ୍କୁ ପଚାରିବାରୁ ଢେଙ୍କିକୋଟ ଫିଡର ଏକ ଲମ୍ବା ଫିଡର ଯାହାକି କୌଣସି ସ୍ଥାନରେ ବିଦ୍ୟୁତ୍ ମରାମତି କରିବାକୁ ହେଲେ ଢେଙ୍କିକୋଟ ବଜାରକୁ ଅନ୍ଧକାର କରିବାକୁ ପଡୁଛି ବୋଲି କହିଛନ୍ତି। ସେହିପରି ଢେଙ୍କିକୋଟ ବଜାରକୁ ଲାଗି ମଣ୍ଡଳ ସାହିରେ ସବୁବେଳେ ଲୋ–ଭୋଲଟେଜ୍ ଥିବାରୁ ବିଦ୍ୟୁତ୍ ବଲ୍‌ବ ଗୁଡ଼ିକ ଠିକ ଭାବେ ଜଳୁନାହିଁ। ଏନେଇ ଜୁନିୟର ଇଞ୍ଜିନିୟର ସ୍ୱାଇଁ କହିଛନ୍ତି, ମଣ୍ଡଳ ସାହି ନିମନ୍ତେ ଦିଆଯାଉଥିବା ଟ୍ରାନ୍ସଫର୍ମର ୧୦୦ କେ.ଭିର। ମାତ୍ର ସେଥିରୁ ୧୫୦ରୁ ଉର୍ଦ୍ଧ୍ୱ ଉପଭୋକ୍ତା ବିଦ୍ୟୁତ ସଂଯୋଗ ନେବାସହ ୫୦ରୁ ଉର୍ଦ୍ଧ୍ୱ ବିଦ୍ୟୁତ୍ ପ୍ରତିଷ୍ଠାନ ଏବଂ ରାଇସ ମିଲ୍ ରହିଅଛି। ଏଣୁ ଲୋ ଭୋଲଟେଜ ରହୁଛି। ଏସମ୍ପର୍କରେ ଉପରିସ୍ଥ ଅଫିସରଙ୍କୁ ଜଣାଇ ଦିଆଯାଇଛି। ତେବେ ଆସନ୍ତା ୧୫ ତାରିଖ ପୂର୍ବରୁ ମଣ୍ଡଳ ସାହି ନିମନ୍ତେ ଏକ ଟ୍ରାନ୍ସଫର୍ମର ଯୋଗାଇ ନ ଦେଲେ ଏବଂ ଲୋ ଭୋଲଟେଜ୍ ସମସ୍ୟା ଦୂର ନ କଲେ ଉପଭୋକ୍ତାମାନେ ବିଦ୍ୟୁତ୍ କାର୍ଯ୍ୟାଳୟ ଘେରାଉ କରିବେ ବୋଲି ଚେତାବନୀ ଦେଇଛନ୍ତି।

# ଭିନ୍ନକ୍ଷମ ପ୍ରମାଣପତ୍ର ଜାଲିଆତି ବନ୍ଦ କରିବାକୁ ଦାବି

ଭଦ୍ରକ ଅଫିସ, ୨।୮

ଭଦ୍ରକ ଜିଲାରେ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନରେ ଜାଲିଆତି ବନ୍ଦ କରିବାକୁ ମଙ୍ଗଳବାର ଭିନ୍ନକ୍ଷମ ସଂଘ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଅଭିଯୋଗ ଅନୁଯାୟୀ, ଏହି ପ୍ରମାଣପତ୍ର ଜାଲିଆତି ଯୋଗୁ ପ୍ରକୃତ ଭିନ୍ନକ୍ଷମ ମାନେ ପ୍ରମାଣପତ୍ର ପାଉ ନ ଥିବାରୁ ସମସ୍ତ ସରକାରୀ ସୁବିଧାରୁ ବଞ୍ଚିତ ହେଉଛନ୍ତି। ମାସରେ ୪ ଦିନ ଏହି ପ୍ରମାଣପତ୍ର ପ୍ରଦାନ ପାଇଁ କରାଯାଉଥିବା କ୍ୟାମ୍ପରେ ସିକ୍ୟୁରିଟି ବ୍ୟବସ୍ଥା ନ ଥିବାରୁ ଭିନ୍ନକ୍ଷମ ମାନେ ଶୋଷଣର ଶିକାର ହେଉଛନ୍ତି। ମେଡିକାଲ ବୋର୍ଡରେ କେତେକ ବ୍ୟକ୍ତି ଜୋର ଜବରଦସ୍ତ ପଶି ଏହି ଜାଲିଆତି କାର୍ଯ୍ୟ କରୁଥିବା ବେଳେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲାପାଳଙ୍କ ଠାରେ ସଂଘ ଦାବି କରିଛି। ସଂଘ ପକ୍ଷରୁ ମହିଳା ସଭାନେତ୍ରୀ ଝୁନୁଲତା ଦାସ, ରଞ୍ଜନ ପାଢ଼ୀ, ପ୍ରଭାତ ପରିଡ଼ା ପ୍ରମୁଖ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କୁ ଭେଟି ଉକ୍ତ ଦାବିପତ୍ର ପ୍ରଦାନ କରିଛନ୍ତି।

# ଧରାପଡ଼ିଲେ ୪ ଅଭିଯୁକ୍ତ

**ମହିଳାଙ୍କ ଉଲଗ୍ନ ମୃତଦେହ ମିଳିବା ଘଟଣା**

ସାରସକଣା,୨।୮(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଝାରପୋଖରିଆ ଥାନା ଯୋକା ଛକଠାରୁ ୩୦୦ ମିଟର ଦୂର ମା' ଦ୍ୱାରଶୁଣୀ ଏସ୍‌ଏଚ୍‌ଜି. ଗୃହ ପଛପଟ ପଡ଼ିଆରୁ ଗତ ୨୮ ତାରିଖରେ ଉଲଗ୍ନ ଅବସ୍ଥାରେ ମିଳିଥିବା ଜଣେ ମହିଳାଙ୍କ ମୃତଦେହ ଜବତ ଘଟଣାରେ ପୋଲିସ ୪ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ମୃତ ମହିଳା ହେଲେ ନିନି ମହାକୁଡ଼। ତାଙ୍କ ପୁଅ ବାବଲୁ ମହାକୁଡ଼ଙ୍କ ଲିଖିତ ଅଭିଯୋଗକୁ ଭିତ୍ତି କରି ପୋଲିସ ଦିଗାରିଶୋଳ ଗ୍ରାମର ସ୍ୱର୍ଗତ ବିପିନ ସିଂଙ୍କ ସ୍ତ୍ରୀ ରୁକ୍ମଣୀ(୫୫),ଭାଲୁକଡ଼ିହି ଗ୍ରାମର ସୁରେନ୍ଦ୍ର ନାଏକଙ୍କ ପୁଅ ବିଜୁ(୨୮), ଯୋକା ଗ୍ରାମର ସ୍ୱର୍ଗତ ନିରଞ୍ଜନ ଦାସଙ୍କ ପୁଅ ପ୍ରଭାକର(୪୫) ଓ ସାନକନ୍ଦା କପାଡ଼ିହା ଗ୍ରାମର ହରିଶ ନାଏକଙ୍କ ପୁଅ ପ୍ରବୀର(୨୫)ଙ୍କୁ କୋର୍ଟଚାଲାଣ କରିଛି। ଏନେଇ ଥାନାରେ ଏକ ମାମଲା (ନଂ.୧୬୯/୨୨) ରୁଜୁ ହୋଇଛି। ପୋଲିସ ସୂଚନା ଅନୁଯାୟୀ, ମୃତ ନିନି ଦିଗାରିଶୋଳ ନିକଟସ୍ଥ ରୁକ୍ମଣୀ ମୁଣ୍ଡାଙ୍କ ମଦ ଭାଟିରେ କାମ କରୁଥିଲେ। ଘଟଣା ଦିନ ମଦକୁ ନେଇ ରୁକ୍ମଣୀଙ୍କ ସହ ତାଙ୍କର ବଚସା ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ସେଠାକୁ ମଦ ପିଇବା ପାଇଁ ଯାଇଥିବା ପ୍ରଭାକର, ବିଜୁ ଓ ପ୍ରବୀର ନିନିଙ୍କୁ ବଳପୂର୍ବକ ଉଠାଇ ନେଇ ଉକ୍ତ ପଡ଼ିଆରେ ପାଶବିକ ଅତ୍ୟାଚାର କରିଥିଲେ। ନିନି ଚେତାଶୂନ୍ୟ ହେବା ଦେଖି ସେମାନେ ସେଠାରୁ ଖସି ପଳାଇଥିଲେ। ପରେ ତାଙ୍କର ମୃତ୍ୟୁ ହୋଇଥିଲା ବୋଲି ଗିରଫ ଅଭିଯୁକ୍ତମାନେ ପୋଲିସ ଆଗରେ ନିଜର ଦୋଷ ସ୍ୱୀକାର କରିଥିବା ତଦନ୍ତ ଅଧିକାରିଣୀ ମୋନାଲିସା ବେହେରା ଓ ଥାନାଧିକାରୀ ମୁକ୍ତି କୁମାର କୁଲୁ ପ୍ରକାଶ କରିଛନ୍ତି।

# ଗାଁରେ ପ୍ରଶାସନ, ସ୍ୱାସ୍ଥ୍ୟ ବିଭାଗ ଟିମ୍

**ଭୋଜି ଖାଇ ଅସୁସ୍ଥ ଘଟଣା**

ଭୋଗରାଇ, ୨।୮(ଡି.ଏନ.ଏ.)



ଗାଁରେ ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ଟିମ୍ ପହଞ୍ଚି ସ୍ଥିତି ଅନୁଧ୍ୟାନ କରୁଛନ୍ତି।

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଦାରୁହା ଗ୍ରାମରେ ଜଣେ ବ୍ୟକ୍ତିଙ୍କ ଘରେ ଆୟୋଜିତ ଅନ୍ନ ମହୋତ୍ସବ ଓ ବାହାଘର ଭୋଜି ଖାଇ ଗୁରୁତର ଅସୁସ୍ଥ ହୋଇପଡ଼ିଥିବା ଲୋକେ ଏବେ ଧୀରେ ଧୀରେ ସୁସ୍ଥ ହେଉଥିବା ନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସୋମବାର ଅସୁସ୍ଥ ହୋଇପଡ଼ିଥିବା ରୋଗୀଙ୍କୁ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପରେ ଛାଡ଼ି ଦିଆଯାଇଛି। ମଙ୍ଗଳବାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ୫ଟି ଟିମ୍ ସହିତ ଜିଲା ଜନକଲ୍ୟାଣ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ଟିମ୍ ଉକ୍ତ ଗାଁକୁ ଯାଇ ଅସୁସ୍ଥ ହୋଇପଡ଼ିଥିବା ଅନ୍ୟ ୩୫ଜଣଙ୍କୁ ଡାକ୍ତରୀ ପରୀକ୍ଷା କରାଯାଇ ଆବଶ୍ୟକ ଔଷଧ ଦେବା ଲାଗି ପଦକ୍ଷେପ ନିଆଯାଇଛି। ଅତିରିକ୍ତ ଜିଲାପାଳ ନିଲୁ ମହାପାତ୍ର ଗାଁର ସ୍ଥିତି ଅନୁଧ୍ୟାନ କରିବା ସହିତ ୨୪ଘଣ୍ଟିଆ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯିବ ବୋଲି ସ୍ଥାନୀୟ ଲୋକଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଗାଁରେ ଆକ୍ରାନ୍ତ ଶିଶୁ, ମହିଳା ଓ ପୁରୁଷମାନେ ସୁସ୍ଥ ହେଉଥିବାରୁ ସ୍ଥିତି ନିୟନ୍ତ୍ରଣରେ ରହିଛି ବୋଲି ଜିଲା ଜନକଲ୍ୟାଣ ସ୍ୱାସ୍ଥ୍ୟ ବିଭାଗର ଡା. ମୃତ୍ୟୁଞ୍ଜୟ ମିଶ୍ର ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସାଧିକାରୀ ଡା. କମଳାକାନ୍ତ ଜେନା ପ୍ରକାଶ କରିଛନ୍ତି।

ଅପରପକ୍ଷରେ ଭୋଗରାଇ ଏବଂ ଏହାର ଆଖପାଖ ଅଞ୍ଚଳରେ ଭେଜାଲ ଖାଦ୍ୟ ତେଲ, ମସଲାଗୁଣ୍ଡ ଓ ରୋଷେଇରେ ବ୍ୟବହାର ହେଉଥିବା ବିଭିନ୍ନ କେମିକାଲ ରଙ୍ଗ ବିକ୍ରି କରାଯାଉଥିବାରୁ ଏହା ଉପରେ ଖାଦ୍ୟ ସାମଗ୍ରୀ ପରୀକ୍ଷାନିରିକ୍ଷା କରାଯାଉ ନ ଥିବା ଅଭିଯୋଗ ହେଉଛି। ଏ ସମସ୍ତ ଦୂଷିତ ଖାଦ୍ୟ ଖାଇ ମଣିଷ ପେଟଜନିତ ରୋଗରେ ଆକ୍ରାନ୍ତ ହେଉଥିବା ବେଳେ ଦୂଷିତ ପାନୀୟଜଳ ମଧ ଅନ୍ୟ ଏକ କାରଣ ବୋଲି ସାଧାରଣରେ ଆଲୋଚନା ହେଉଛି।

# ଶିକ୍ଷକ ଫେଡେରେଶନ ରାଜ୍ୟ ସଂଘର କାର୍ଯ୍ୟକାରିଣୀ ବୈଠକ

ଭଦ୍ରକ ଅଫିସ, ୨।୮

ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନ ରାଜ୍ୟ ସଂଘର କାର୍ଯ୍ୟକାରିଣୀ ବୈଠକ ଭଦ୍ରକ ବାଲଗୋପାଲ ମନ୍ଦିର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସଭାପତି ତ୍ରିଲୋଚନ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅଖିଳ ଭାରତୀୟ ପ୍ରାଥମିକ ଶିକ୍ଷକ ଫେଡେରେଶନ ନୂଆଦିଲ୍ଲୀର ମହାସଚିବ କମଳାକାନ୍ତ ତ୍ରିପାଠୀ ଯୋଗଦେଇ ସରକାରଙ୍କ ଶିକ୍ଷକ ମାରଣ ନୀତି ଓ ଶିକ୍ଷାର ଅବକ୍ଷୟ ପାଇଁ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ। ପୁରୁଣା ପେନସନ ସ୍କିମ୍ ପ୍ରଚଳନ ଜାରି ରଖିବା ସହ ବିଦ୍ୟାଳୟର ମିଶ୍ରଣ ଓ ବିଦ୍ୟାଳୟ ଉଚ୍ଛେଦ ନୀତିକୁ ସରକାର ତୁରନ୍ତ ପ୍ରତ୍ୟାହାର କରିବା ପାଇଁ ଦାବି କରିଥିଲେ। ଏଥିପାଇଁ ବ୍ଲକଠାରୁ ଆରମ୍ଭ କରି ଜିଲା, ରାଜ୍ୟ ଓ କେନ୍ଦ୍ର ପର୍ଯ୍ୟନ୍ତ ଆନ୍ଦୋଳନ ରଖିବାକୁ ଆହ୍ୱାନ ଦେଇଥିଲେ। ଜିଲା ସଂଘ ପକ୍ଷରୁ ମହାସଚିବ ତ୍ରିପାଠୀ ଓ ରାଜ୍ୟ ସଂଘର ସଭାପତି ତ୍ରିଲୋଚନ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରାଜ୍ୟ ସଂଘ ସମ୍ପାଦକ କାହ୍ନୁଚରଣ ମହାନ୍ତି, ମହିଳା ସେଲ ଅଧ୍ୟକ୍ଷା ସ୍ୱର୍ଣ୍ଣପ୍ରଭା ମଇକାପ୍, ଜିଲା ସଭାପତି ଅଶୋକ ଦାସ, ସମ୍ପାଦକ ସତ୍ୟନାରାୟଣ ସାହ ପ୍ରମୁଖ ସମ୍ବଲପୁର ଜିଲା ନବନିର୍ବାଚିତ ସଭାପତି ରଚନା ସିଂହ ଓ ସମ୍ପାଦକ ପ୍ରଶାନ୍ତ ନାଥଙ୍କ ସହ କର୍ମକର୍ତ୍ତାଙ୍କୁ ରାଜ୍ୟ ସଂଘ ପକ୍ଷରୁ ସ୍ୱାଗତ କରିଥିଲେ। ଜିଲା ସଙ୍ଗଠନ ପକ୍ଷରୁ ଶିକ୍ଷକ ପ୍ରତିନିଧି ଗୋବିନ୍ଦ ରାଉତ, ଚନ୍ଦ୍ରକାନ୍ତ ଶୁକ୍ଳା, ପ୍ରଶାନ୍ତ ଦାସ, ରାଜେନ୍ଦ୍ର ମଲ୍ଲିକ, ଚୁଡ଼ାମଣି ଦାସ, ମହତାବ ଆଲାମ୍ ଖାଁ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ନୟାଗଡ଼ ସମ୍ପାଦକ ସନ୍ତୋଷ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ୩୦ବ୍ୟାଟେରି ସହ ପିକ୍‌ଅପ୍ ଜବତ: ୨ ଗିରଫ




ଗିରଫ ୨ ଅଭିଯୁକ୍ତ ଓ ଜବତ ବ୍ୟାଟେରି।

ବଡବିଲ, ୨।୮(ସ୍ୱ.ପ୍ର.)

କେନ୍ଦୁଝର ଜିଲା ବଡ଼ବିଲ ପୋଲିସ ବ୍ୟାଟେରି ଚୋରି ଘଟଣାର ପର୍ଦ୍ଦାଫାଶ କରିଛି। ଏହି ଘଟଣାରେ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ପୋଲିସ ମଙ୍ଗଳବାର ଗିରଫ କରିଛି। ସେମାନେ ହେଲେ ବରକତ ନଗର ଅଞ୍ଚଳରେ ରହୁଥିବା ପିକଅପ୍ ମାଲିକ ଏମ୍‌ଡି ସାହିଦ ଏବଂ ଚାଳକ ଏମ୍‌ଡି ତବରେଜ। ସେମାନଙ୍କ ନିକଟରୁ ପୋଲିସ ଏକ ପିକ୍‌ଅପ୍ ଜବତ କରିଥିବାବେଳେ ଝାଡଖଣ୍ଡ ରାଜ୍ୟ ଚାଇଁବସାରୁ ୩୦ଟି ଚୋରୀ ବ୍ୟାଟେରି ଉଦ୍ଧାର କରିଛି।

ସୂଚନା ଅନୁଯାୟୀ, ଗତ ଶୁକ୍ରବାର ରାତିରେ ବଡବିଲ ସୀମାନ୍ତ ନାଲଦାସ୍ଥିତ ବିକନ ଇଲେକ୍ଟ୍ରିକାଲ ସପ୍‌ର ଦୋକାନ ତାଲା ଭାଙ୍ଗି ବ୍ୟାଟେରି ଚୋରି ହୋଇଥିବାନେଇ ଥାନାରେ ଅଭିଯୋଗ ହୋଇଥିଲା। ଏନେଇ ପୋଲିସ ଏକ ମାମଲା (ନଂ.୧୬୯/୨୦୨୨) ରୁଜୁ କରିବା ସହ ସିସି କ୍ୟାମେରା ଫୁଟେଜ ତନଖି କରିଥିଲା। ସିସି କ୍ୟାମେରା ଫୁଟେଜରୁ ଏକ ପିକଅପ୍‌ରେ ବ୍ୟାଟେରି ଲୋଡ୍ ହେଉଥିବା ଜଣାପଡିଥିଲା। ପୋଲିସ ତଦନ୍ତ ଜାରି ରଖି ବରକତ ନଗର ଅଞ୍ଚଳରୁ ପିକ୍‌ଅପ୍ ମାଲିକ ଏମ୍‌ଡି ସାହିଦଙ୍କୁ ଥାନାକୁ ଆଣି ପଚରାଉଚରା କରିଥିଲା। ଦୁଇଜଣ ମିଶି ଏହି ଚୋରି କରି ଝାଡ଼ଖଣ୍ଡର ଚାଇଁବସାରେ ରଖିଥିବା ସାହିଦ ସ୍ୱୀକାର କରିଥିଲେ। ଉଭୟଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରିଥିବା ବଡ଼ବିଲ ଆଇଆଇସି ସୁଶାନ୍ତ ଦାଶ କହିଛନ୍ତି।

# କୋଭିଡ୍ ଗାଇଡ୍‌ଲାଇନ୍‌ରେ ପାଳନ ହେବ ଜିଲାସ୍ତରୀୟ ସ୍ୱାଧୀନତା ଦିବସ

ବାଲେଶ୍ୱର ଅଫିସ, ୨।୮



ପ୍ରସ୍ତୁତି ବୈଠକରେ ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ଓ ଅନ୍ୟ ଅଧିକାରୀ।

ବାଲେଶ୍ୱର ଜିଲା ସଦର ମହକୁମାରେ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଓଡ଼ିଶା ସରକାରଙ୍କ ସ୍ୱରାଷ୍ଟ୍ର ବିଭାଗ ତରଫରୁ ଜାରି କରାଯାଇଥିବା ମାର୍ଗଦର୍ଶିକା ଏବଂ କୋଭିଡ୍ ଗାଇଡ୍‌ଲାଇନର ଅନୁପାଳନ ପୂର୍ବକ ସ୍ୱାଧୀନତା ଦିବସ ପାଳନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ବାଲେଶ୍ୱର ପୌରାଞ୍ଚଳରେ ପ୍ରତ୍ୟୁଷରେ ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ତରଫରୁ ରାମଧୂନ ପରିବେଷଣ କରାଯିବ। ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ପୂର୍ବାହ୍ନ ୭ଟା ୩୦ ମିନିଟ୍ ସୁଦ୍ଧା କୋଭିଡ୍ ନିୟମ ପାଳନ ପୂର୍ବକ ଜାତୀୟ ପତାକା ଉତ୍ତୋଳନ କରାଯିବ।

ପୌରପାଳିକା ପକ୍ଷରୁ ସହର ବିଭିନ୍ନ ସ୍ଥାନରେ ଥିବା ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ସକାଳେ ମାଲ୍ୟାର୍ପଣ କରାଯିବ। ସ୍ଥାନୀୟ ରିଜର୍ଭ ପୋଲିସ ପରେଡ୍ ପଡ଼ିଆଠାରେ ଅନୁଷ୍ଠିତ ହେବାକୁ ଥିବା ଜିଲାସ୍ତରୀୟ ସ୍ୱାଧୀନତା ଦିବସରେ ମୁଖ୍ୟଅତିଥି ଜାତୀୟ ପତାକା ଉତ୍ତୋଳନ କରିବେ। ସ୍ୱରାଷ୍ଟ୍ର ବିଭାଗର ମାର୍ଗଦର୍ଶିକା ଅନୁଯାୟୀ କୋଭିଡ୍ ଯୋଦ୍ଧାଙ୍କ ସମେତ ସୀମିତ ସଂଖ୍ୟକ ଅତିଥିଙ୍କୁ ଏହି ସମାରୋହକୁ ନିମନ୍ତ୍ରଣ କରାଯିବ। କୋଭିଡ୍ ନିୟମାବଳୀ ଅନୁଯାୟୀ ପଡ଼ିଆ ମଧ୍ୟରେ ସାମାଜିକ ଦୂରତ୍ୱ ବଜାୟ ରଖିବା ସହ ମାସ୍କ ପିନ୍ଧିବା ବାଧ୍ୟତାମୂଳକ କରାଯାଇଛି। ଉତ୍ସବ ପାଳନ ପୂର୍ବରୁ ପଡ଼ିଆକୁ ଭଲ ଭାବେ ସାନିଟାଇଜ୍ କରାଯିବ। ଛାତ୍ରୀଛାତ୍ରୀଙ୍କ ମଧ୍ୟରେ ଦେଶାତ୍ମବୋଧ ପ୍ରବନ୍ଧ, କୁଇଜ ଓ ସଙ୍ଗୀତ ପ୍ରତିଯୋଗିତା ଆୟୋଜନ କରିବାକୁ ସ୍ଥିର କରାଯାଇଛି। ସେହିପରି ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା। ଏତଦ୍‌ବ୍ୟତୀତ ସ୍ୱାଧୀନତା ଦିବସ ସମାରୋହ ସୁପରିଚାଳନା ନିମନ୍ତେ ମଞ୍ଚ ସଜ୍ଜା, ପରିମଳ, ଆଶୁ ଚିକିତ୍ସା, ଆଇନଶୃଙ୍ଖଳା, ପାନୀୟ ଜଳ, ଅତିଥି ବସିବା ସ୍ଥାନ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ସୁନିଶ୍ଚିତ କରିବା ପାଇଁ ଜିଲାପାଳ ଶିନ୍ଦେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଭବେଶ କୁମାର ନାୟକ, ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ରବୀନ୍ଦ୍ର କୁମାର ସାହୁ, ଡିଏଫ୍‌ଓ ଆୟୁଷ ଜୈନ୍, ବାଲେଶ୍ୱର ଉପଜିଲାପାଳ କିଶୋର ଚନ୍ଦ୍ର ସ୍ୱାଇଁଙ୍କ ସମେତ ଜିଲାସ୍ତରୀୟ ସମସ୍ତ ବରିଷ୍ଠ ଅଧିକାରୀ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦୀପକ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ସଂକ୍ଷେପରେ

## ମୟୂରଭଞ୍ଜ ଆସିବେ ମୁଖ୍ୟମନ୍ତ୍ରୀ

ବାରିପଦା ଅଫିସ,୨।୮: ମୟୂରଭଞ୍ଜ ଜିଲାରେ ଥିବା ଦୁଇଟି ପ୍ରକଳ୍ପକୁ ଲୋକାର୍ପିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଖୁବ ଶୀଘ୍ର ଜିଲା ଗସ୍ତରେ ଆସିବେ ବୋଲି ଜଣାପଡ଼ିଛି। ଏନେଇ ଜିଲା ପ୍ରଶାସନ ପକ୍ଷରୁ ପ୍ରାରମ୍ଭିକ ପ୍ରସ୍ତୁତି ଆରମ୍ଭ ହୋଇଛି। କରଞ୍ଜିଆ ହାତୀବାରିଠାରେ ଦେଓ ପ୍ରକଳ୍ପ ଓ ରାସଗୋବିନ୍ଦପୁର ବ୍ଲକର ଟିକପଦାଠାରେ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ଅତିରିକ୍ତ ପ୍ରକଳ୍ପ ମୁଖ୍ୟମନ୍ତ୍ରୀଙ୍କ କରକମଳରେ ଲୋକାର୍ପଣ ଯୋଜନା ରହିଛି। ଏଥିପାଇଁ ଜିଲାପାଳ ବିନୀତ ଭରଦ୍ୱାଜଙ୍କ ସହିତ ବରିଷ୍ଠ ଅଧିକାରୀବୃନ୍ଦ ଚୂଡ଼ାନ୍ତ ପ୍ରସ୍ତୁତି ଶେଷ କରି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ସୂଚନା ପ୍ରଦାନ କରିଛନ୍ତି। ସମ୍ଭବତଃ ଚଳିତ ସପ୍ତାହ ଶେଷ କିମ୍ବା ଦ୍ୱିତୀୟ ସପ୍ତାହର ପ୍ରାରମ୍ଭରେ ଗସ୍ତସୂଚୀ ଚୂଡ଼ାନ୍ତ ହୋଇପାରେ।

## ଯୁବତୀଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ୍ ଅଭିଯୋଗ

ମୋରଡ଼ା,୨।୮(ଡି.ଏନ.ଏ): ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ଅଞ୍ଚଳରେ ଜନୈକା ଯୁବତୀଙ୍କ ଅଶ୍ଳୀଳ ଫଟୋ ଓ ଭିଡିଓ ଭାଇରାଲ ହେବା ନେଇ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ଯୁବତୀ ଜଣକ ଜଣେ ଯୁବକଙ୍କୁ ଭଲ ପାଉଥିଲେ। ଯୁବକ ଜଣକ ତାଙ୍କ ସରଳତାର ସୁଯୋଗ ନେଇ ଅଶ୍ଳୀଳ ଫଟୋ ଓ ଭିଡିଓ ରଖିଥିଲେ। ପରେ ଯୁବତୀଙ୍କ ବାହାଘର ଅନ୍ୟତ୍ର ଠିକ୍ ହେବାରୁ ଯୁବକ ଜଣକ ତାଙ୍କୁ ଟଙ୍କା ମାଗିବା ସହିତ ଧମକ ଦେଇଥିଲେ। ଯୁବତୀ ଜଣକ ତାଙ୍କୁ ଟଙ୍କା ଦେଇଥିଲେ ମଧ୍ୟ ଯୁବକ ଜଣକ ଅଶ୍ଳୀଳ ଫଟୋ ଓ ଭିଡିଓକୁ ଭାଇରାଲ କରି ଦେଇଥିଲେ। ଏନେଇ ପୋଲିସ ଏକ ମାମଲା(ନଂ.୧୯୧/୨୨) ରୁଜୁ କରି ତଦନ୍ତ ଜାରି ରଖିଛି।

## ଦୁଇ ଟ୍ରକ୍ ଧକ୍କା: ଜଣେ ମୃତ



କେନ୍ଦୁଝର, ୨।୮(ସ୍ୱ.ପ୍ର.): କେନ୍ଦୁଝର ଜିଲା ସଦର ଥାନା ଅନ୍ତର୍ଗତ ଶୁଆକାଠି ନିକଟରେ ମଙ୍ଗଳବାର ସକାଳେ ଜାତୀୟ ରାଜପଥ ୪୯ରେ ଏକ ଲାଇନ୍ ଟ୍ରକ୍ ସହିତ ଏକ ଗୋରୁ ବୋଝେଇ ଟ୍ରକ୍ ଧକ୍କା ହେବା ଫଳରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ବେଳେ ଆଉ ଦୁଇ ଜଣ ଗୁରୁତର ଆହତ ହୋଇଛନ୍ତି। ଦୁର୍ଘଟଣାରେ ବହୁ ଗୋରୁ ମୃତାହତ ହୋଇଥିବା ଜଣାପଡିଛି। ଫଳରେ ଦୀର୍ଘ ଘଣ୍ଟା ଧରି ଉଦ୍ଧାର କାର୍ଯ୍ୟ ଲାଗିରହିବା ଫଳରେ ଯାତାୟାତ ବ୍ୟାହତ ହୋଇଥିଲା।

## କରୋନା ଯୋଦ୍ଧାଙ୍କୁ ସମ୍ବର୍ଦ୍ଧିତ କରାଯିବ

ପାଟଣା,୨।୮(ସ୍ୱ. ପ୍ର.): କେନ୍ଦୁଝର ଜିଲା ପାଟଣାରେ ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ସକାଶେ ମଙ୍ଗଳବାର ବ୍ଲକ ସଭାଗୃହ ଅଞ୍ଚଳର ବିଭିନ୍ନ ବର୍ଗର ଲୋକଙ୍କୁ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଆୟୋଜିତ ସଭାରେ ବିଡିଓ ଈଶ୍ୱର ଚନ୍ଦ୍ର ନାଏକଙ୍କ ଅଧକ୍ଷତାରେ ବ୍ଲକ ଅଧକ୍ଷା ଶୁକାନ୍ତି ନାୟକ, ଅତିରିକ୍ତ ତହସିଲଦାର ଶରଣ କୁମାର ଜେନା, ଏବିଇଓ ସଚ୍ଚିଦାନନ୍ଦ ସେଠୀ, ଅଗ୍ନିଶମ ପରିଚାଳକ ମନୋରଞ୍ଜନ ମହାନ୍ତ, ଡବ୍ଲ୍ୟୁଓ ଶୁଭେନ୍ଦୁ କୁମାର ବଳ, ବଡ଼ପାଟଣା ସରପଞ୍ଚ ବିନତି ବାନାରା, ସମିତି ସଭ୍ୟ ମୋହନ ସୁନ୍ଦର ମହାନ୍ତ, ବ୍ଲକ ବିଜେଡି ସଭାପତି ମାଧବାନନ୍ଦ ପୃଷ୍ଟି ପ୍ରମୁଖ ଯୋଗ ଦେଇ ସରକାରଙ୍କ କୋଭିଡ ଗାଇଡ ଲାଇନ ମଧରେ ସ୍ୱାଧୀନତା ଦିବସ ପାଳିବାକୁ ମତ ପ୍ରକାଶ ପାଇଥିଲା। କରୋନା ଜାଳରେ ଜୀବନକୁ ବାଜି ଲଗାଇ ସେବା ଯୋଗାଇ ଦେଇଥିବା ୧୫ଜଣ ଡାକ୍ତର, ସ୍ୱାସ୍ଥ୍ୟକର୍ମୀ, ଅଗ୍ନିଶମ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯିବାକୁ ନିଷ୍ପତ୍ତି ହୋଇଛି।

## ବଜ୍ରପାତରେ ୧୧ ଛେଳି ମୃତ

ଠାକୁରମୁଣ୍ଡା,୨।୮(ଡି.ଏନ.ଏ.)- ଠାକୁରମୁଣ୍ଡା ବ୍ଲକ ତରାମରା ପଞ୍ଚାୟତ ଅନ୍ତର୍ଗତ ତରାମରା ଉଚ୍ଚ ବିଦ୍ୟାଳୟ ନିକଟସ୍ଥ ପଡ଼ିଆରେ ମଙ୍ଗଳବାର ଅପରାହ୍ନ ପ୍ରାୟ ୨.୩୦ ସମୟରେ ବଜ୍ରପାତ ଘଟି ଚରିବାକୁ ଯାଇଥିବା ୧୧ଟି ଛେଳି ଓ ଗୋଟିଏ ବଳଦର ମୃତ୍ୟୁ ହୋଇଛି। ଠାକୁରମୁଣ୍ଡା ପ୍ରାଣୀ ଚିକିତ୍ସାଳୟର କର୍ମଚାରୀମାନେ ମୃତ ଛେଳି ଓ ବଳଦର ବ୍ୟବଚ୍ଛେଦ କରିଛନ୍ତି।

# 'ବାଲେଶ୍ୱରବାସୀଙ୍କ ପାଇଁ ଉତ୍ସର୍ଗୀକୃତ ଥିଲେ ଦାଦା'

### ପ୍ରତିମୂର୍ତ୍ତି ସହ ଦୁଇ ପୁସ୍ତକ ଉନ୍ମୋଚନ

ବାଲେଶ୍ୱର ଅଫିସ, ୨।୮

ବାଲେଶ୍ୱରର ଜଣେ ଅଦ୍ୱିତୀୟ ଜନନେତା, ନିର୍ଭୀକ ମଣିଷ ଅରୁଣ ଦେ (ଦାଦା)। ମଙ୍ଗଳବାର ତାଙ୍କର ପ୍ରଥମ ଶ୍ରାଦ୍ଧବାର୍ଷିକୀ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପାଳନ କରାଯାଇଛି। ଏଥିରେ ଦଳଗତ ନିର୍ବିଶେଷରେ ବହୁ ରାଜନେତା, ବିଶିଷ୍ଟ ବ୍ୟକ୍ତି, ସାହିତ୍ୟିକ, ବୁଦ୍ଧିଜୀବୀ, ମହିଳାନେତ୍ରୀ, ସମାଜସେବୀ ଏବଂ ରାଜ୍ୟ ସରକାରଙ୍କ ପୂର୍ବତନ ଓ ବର୍ତ୍ତମାନର ମନ୍ତ୍ରୀମାନେ ଯୋଗଦେଇ ସେ ବାଲେଶ୍ୱରବାସୀଙ୍କ ପାଇଁ ଉତ୍ସର୍ଗୀକୃତ ଥିଲେ ବୋଲି ମତବ୍ୟକ୍ତ କରିଥିଲେ।

ଅରୁଣ ଦେ ସ୍ମୃତି ପରିଷଦ ପକ୍ଷରୁ ପୂର୍ବାହ୍ନରେ ମଲ୍ଲିକାଶପୁରସ୍ଥିତ ବାସଭବନରେ ଅରୁଣ ଦେଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ହୋଇଛି। ଏଥିରେ ଶିଳ୍ପ, ଶକ୍ତି ଓ ଏମ୍ଏସ୍ଏମ୍ଇ ମନ୍ତ୍ରୀ ପ୍ରତାପ କେଶରୀ ଦେବ ଯୋଗଦେଇ ପ୍ରତିମୂର୍ତ୍ତିକୁ ଉନ୍ମୋଚନ କରିଥିଲେ। ଏହାପରେ ପାଣିଟାଙ୍କି ସ୍ଥିତ ଏକ ଘରୋଇ କଲ୍ୟାଣ ମଣ୍ଡପ ପରିସରରେ ଏକ ସାଧାରଣ ସଭା ଆୟୋଜନ ହୋଇଥିଲା। ଏଥିରେ ପରିଷଦର ସଭାପତି ବାସନ୍ତୀ ଦେ ଚକ୍ରବର୍ତ୍ତୀ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ମନ୍ତ୍ରୀ ଦେବ ଯୋଗଦେଇ ଦାଦା ଜୀବନସାରା ବାଲେଶ୍ୱରବାସୀଙ୍କ ପାଇଁ କାର୍ଯ୍ୟ କରିଆସୁଥିବା ବେଳେ ବିଶେଷ କରି ଶ୍ରମିକ ଶ୍ରେଣୀର ବ୍ୟକ୍ତିଙ୍କ ଜୀବନ ଥିଲେ। ସଭାପତିଙ୍କ ଅନୁରୋଧକ୍ରମେ ବାଲେଶ୍ୱରରେ ବନ୍ଦ ହୋଇପଡ଼ିଥିବା ବିଭିନ୍ନ ଶିଳ୍ପାନୁଷ୍ଠାନରେ କାର୍ଯ୍ୟ କରୁଥିବା ଶ୍ରମିକଙ୍କ ଦୂରାବସ୍ଥାକୁ ସୁଧାରିବା ପାଇଁ ଚେଷ୍ଟା ଜାରି ରଖିବେ ବୋଲି ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ତଥା ଅବକାରୀ ବିଭାଗ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, ବିଧାୟକ ସ୍ୱରୂପ କୁମାର ଦାସ, ସୁଧାଂଶୁ ଶେଖର ପରିଡ଼ା, ନିତ୍ୟାନନ୍ଦ ସାହୁ, ଇଂ. ସୁକାନ୍ତ କୁମାର ନାୟକ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜ ତ୍ରିପାଠୀ, ପୂର୍ବତନ ମନ୍ତ୍ରୀ ଦାମୋଦର ରାଉତ, ବିଜୟ ମହାପାତ୍ର, ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ଅନନ୍ତ ଦାସ, ରଘୁନାଥ ମହାନ୍ତି, ପ୍ରଫୁଲ୍ଲ ସାମଲ, ପଦ୍ମଲୋଚନ ପଣ୍ଡା, ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା, ଚିତ୍ତରଞ୍ଜନ ଷଡ଼ଙ୍ଗୀ, ଜୀବନ ପ୍ରଦୀପ ଦାଶ, ଦେବାଶିଷ ନାୟକ, ବରିଷ୍ଠ ଖବରଦାତା ରବି ଦାସ ଓ କେ. ରବି ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନଙ୍କ ଦ୍ୱାରା 'ଅନନ୍ୟ ଅରୁଣ' ପୁସ୍ତକ ଉନ୍ମୋଚନ ସହ ଏକ ଡିଜିଟାଲ ୱେବସାଇଟ୍ ଉନ୍ମୋଚନ କରାଯାଇଥିଲା। ପୂର୍ବରୁ ଆର୍ଟ ଆଣ୍ଡ କ୍ରାଫ୍ଟ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ଦାଦାଙ୍କ ସ୍ମୃତିରେ ପ୍ରତିଛବି ଅଙ୍କନ ପ୍ରତିଯୋଗିତାରେ କୃତିଙ୍କୁ ପୁରସ୍କୃତ କରାଯାଇଥିଲା। ସଭାକୁ ବରିଷ୍ଠ ଖବରଦାତା ରଞ୍ଜନ ବାଗ ଏବଂ ସମାଜସେବୀ ବିଷ୍ଣୁ ପ୍ରସାଦ ମହାନ୍ତି ପରିଚାଳନା କରିଥିଲେ।

ଭଏସ୍ ଅଫ୍ ବାଲେଶ୍ୱର ପକ୍ଷରୁ ସହଦେବଖୁଣ୍ଟା ସ୍ଥିତ ମାହେଶ୍ୱରୀ ଭବନ ପରିସରରେ ଦାଦାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ପାଳନ କରାଯାଇଛି। ଏଥିରେ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଯୋଗଦେଇ ଉପସ୍ଥିତ ଲୋକଙ୍କୁ ଉଦ୍‌ବୋଧନ ଦେଇଥିଲେ। ଆଇନଜୀବୀ ଶାନ୍ତନୁ ଦାସ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ପୌରାଞ୍ଚଳ ଅଧକ୍ଷା ସବିତା ସାହୁ, ମହିଳା ନେତ୍ରୀ ସୁବାସିନୀ ଜେନା, ପୂର୍ବତନ ପୌରାଧକ୍ଷ ଆଲୋକ ସାହୁ, ଶ୍ରମିକ ନେତା ଗୌରାଙ୍ଗ ପାଣିଗ୍ରାହୀ, ଛାତ୍ରନେତା ଅରଜିତ ଘୋଷାଲ ଓ ଗୌତମ ସେଠୀ ପ୍ରମୁଖ ଉପସ୍ଥିତ ରହି ଦାଦାଙ୍କ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ 'ଦାଦାଙ୍କ ପାଇଁ ପଦେ' ପୁସ୍ତକ ଉନ୍ମୋଚନ ହୋଇଥିଲା।

ସହର ଉପକଣ୍ଠ ଅକ୍ତିଆରପୁର ସ୍ଥିତ 'କରୁଣା ଗୌରୀ ଆଶ୍ରୟସ୍ଥଳ' ପରିସରରେ ଦିବଙ୍ଗତ ନେତା ଅରୁଣ ଦେଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ପାଳିତ ହୋଇଛି। ମୁଖ୍ୟଅତିଥି ଭାବେ ପୂର୍ବତନ ଏମ୍‌ପି ଇଂ. ରବୀନ୍ଦ୍ର କୁମାର ଜେନା ଯୋଗଦେଇ ଦାଦାଙ୍କ ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳି ଦେବା ସହ ଛାତ୍ରୀଛାତ୍ରଙ୍କୁ ସ୍କୁଲ ୟୁନିଫର୍ମ ବଣ୍ଟନ କରିଥିଲେ। ଦାଦାଙ୍କ ସ୍ମୃତି ନିମନ୍ତେ ଆଶ୍ରମ ପରିସରରେ ବୃକ୍ଷରୋପଣ କରାଯାଇଥିଲା। ଅନୁଷ୍ଠାନ ପ୍ରତିଷ୍ଠାତା ଗଣେଶ୍ୱର ରାଉତ ପରିଚାଳନା କରିଥିଲେ। ଆଇନଜୀବୀ ସାହିରୁଲ୍ ହକ, ବିଜେଡି ଉପସଭାପତି ବରଦା ପ୍ରସନ୍ନ ପଟ୍ଟନାୟକ ଓ ଭୁବନାନନ୍ଦ ଦାସ, ଆରସିଏମ୍ଏସ୍ ସଭାପତି ଅଜୟ କୁମାର ସାମଲ, ଅର୍ବାନ କୋ-ଅପରେଟିଭ ବ୍ୟାଙ୍କ ସଭାପତି ସୂର୍ଯ୍ୟକାନ୍ତ କର, ଶିଳ୍ପପତି ନରେନ୍ଦ୍ର ବିହାରୀ ଦାସ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।



ଉନ୍ମୋଚିତ ହୋଇଥିବା ଅରୁଣ ଦେଙ୍କ ପ୍ରତିମୂର୍ତ୍ତି।



ଅତିଥିଙ୍କ ଦ୍ୱାରା 'ଅନନ୍ୟ ଅରୁଣ' ପୁସ୍ତକ ଉନ୍ମୋଚନ।

## ଦନ୍ତା ଆକ୍ରମଣରେ ବୃଦ୍ଧ ଗୁରୁତର

କେନ୍ଦୁଝର, ୨।୮ (ସ୍ୱ.ପ୍ର.)

**ବାରଣ ସତ୍ତ୍ୱେ ଜଙ୍ଗଲକୁ ଯିବାରୁ ଅଘଟଣ ଘଟୁଛି**

କେନ୍ଦୁଝର ଜିଲା ବାଂଶପାଳ ବ୍ଲକ ଲକ୍ଷ୍ମୀପାଦରେ ସୋମବାର ସକାଳ ସମୟରେ ଜଣେ ବୃଦ୍ଧ ଜଙ୍ଗଲକୁ ଛତୁ ଗୋଟାଇବାକୁ ଯାଇଥିବାବେଳେ ଏକ ଦନ୍ତା ଆକ୍ରମଣରେ ଗୁରୁତର ହୋଇଛନ୍ତି। ସେ ହେଲେ କୃଷ୍ଣ ନାୟକ(୭୦)। ତାଙ୍କ ଘର ଲକ୍ଷ୍ମୀପାଦ ଅଞ୍ଚଳରେ। ସିଦ୍ଧମଠ ଜଙ୍ଗଲରେ ୧୭ଟି ହାତୀ ବୁଲୁଥିଲେ। ସେଥିମଧ୍ୟରୁ ଏକ ଦନ୍ତା ହାତୀ ଛତୁ ଗୋଟାଉଥିବା ଜଣେ ବୃଦ୍ଧଙ୍କୁ ଦେଖି ଶୁଣ୍ଢରେ ଧରି ଫୋପାଡି ଦେଇଥିଲା। ଅଳ୍ପକେ ସେ ମୃତ୍ୟୁମୁଖରୁ ବର୍ତ୍ତି ଯାଇଛନ୍ତି। ଉକ୍ତ ସମୟରେ ଅଞ୍ଚର ବିଟ୍ ଫରେଷ୍ଟ ଗାର୍ଡ ଖଗେଶ୍ୱର ରାଉତ, ଟ୍ରାକର ଭୀମସେନ ମୁଣ୍ଡା, ଗୋପିନାଥ ନାୟକ ଏବଂ ଅନ୍ୟ ବନ କର୍ମଚାରୀ ପାଦଚଲା ପାଟ୍ରୋଲିଂରେ ଜଙ୍ଗଲରେ ଯାଉଥିବାବେଳେ ଆହତ ଅବସ୍ଥାରେ ତାଙ୍କୁ ଦେଖି କେନ୍ଦୁଝର ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ତାଙ୍କର ହାତ ଭାଙ୍ଗି ଯାଇଥିବାବେଳେ ଛାତିରେ ଗୁରୁତର ଆଘାତ ଲାଗିଛି। ସିଦ୍ଧମଠ ଜଙ୍ଗଲର ଲକ୍ଷ୍ମୀପାଦରେ ହାତୀ ରହୁଥିବାରୁ ଗତ ରବିବାର ସନ୍ଧ୍ୟାରେ ବନ ବିଭାଗ ପକ୍ଷରୁ ଜଙ୍ଗଲ ଭିତରକୁ ନ ଯିବା ଲାଗି ମାଇକ ଯୋଗେ ପ୍ରଚାର କରାଯାଇଥିଲେ ହେଁ ଏହାକୁ ଲୋକେ ଅମାନ୍ୟ କରି ଜଙ୍ଗଲକୁ ଲୋକ ଯାଉଥିବାରୁ ଏଭଳି ଅଘଟଣ ଘଟୁଛି।

# ଦୁର୍ଘଟଣା ପରେ ୩ବର୍ଷ ହେଲା ଶଯ୍ୟାଶାୟୀ

### ଚିକିତ୍ସା ଚିନ୍ତାରେ ପରିବାର

ବାଲେଶ୍ୱର ଅଫିସ, ୨।୮

ବାଲେଶ୍ୱର ଜିଲା ରେମୁଣା ବ୍ଲକ ବଡ଼ପାଳ ପଞ୍ଚାୟତ ତୋଭାପାଳ ସାହିର ଲୋଧା ସିଂ (୪୬)ଙ୍କ ପରିବାରରେ ଏବେ ଦେଖାଦେଇଛି ଦୁଃଖର ଝଡ। ଠିକ୍ ୩ ବର୍ଷ ପୂର୍ବେ ପରିସ୍ଥିତି ପୂରା ଓଲଟା ଥିଲା। ହସ ଖୁସରେ ପରିବାର ଚଳୁଥିଲା। ହେଲେ ଦୁର୍ଘଟଣାରେ ଲୋଧାଙ୍କ ଶରୀରର ଅର୍ଦ୍ଧାଧିକ ଅଙ୍ଗ ଅକାମୀ ହୋଇଯିବା ପରେ ଏବେ ସେ ଶଯ୍ୟାଶାୟୀ। ଚିକିତ୍ସା ଖର୍ଚ୍ଚ ତୁଲାଇବାକୁ ପରିବାର ଲୋକେ ଅସମର୍ଥ ଥିବା ବେଳେ ସରକାରୀ କିମ୍ବା ବେସରକାରୀ ସ୍ତରରେ କୌଣସି ସହାୟତା ମିଳିନାହିଁ।

ଲୋଧାଙ୍କ ପରିବାର କହିଲେ ସ୍ତ୍ରୀ ଆଉ ୨ନାବାଳକ ପୁଅ। ସ୍ତ୍ରୀ ଘର ସମ୍ଭାଳିବା ସହ ପିଲାମାନଙ୍କ ପାଠପଢ଼ା ଦାୟିତ୍ୱ ବୁଝୁଥିଲେ। ଲୋଧା କାମକୁ ଯାଉଥିବା ବେଳେ କୌଣସି କାରଣରୁ ପୋଲ ତଳକୁ ଖସିପଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ସେ ଗୁରୁତର ଆହତ ହୋଇ ଦୀର୍ଘଦିନ ଧରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହୋଇଥିଲେ। ଦୀର୍ଘଦିନ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ସମୟରେ ପରିବାରର ସନ୍ତୁଳନ ବିଗିଡିଯାଇଥିଲା। ପିଲାମାନଙ୍କ ପାଠପଢା ବନ୍ଦ ହେବା ସହ ସ୍ତ୍ରୀ ହସ୍‌ପିଟାଲ ଓ ଘର କାମରେ ସମୟ ବିତିଯାଇଥିଲା। ଏହାପରେ ମଧ ଲୋଧା ସମ୍ପୂର୍ଣ୍ଣ ଭଲ ହୋଇପାରିଲେ ନାହିଁ। ଡାକ୍ତର କଟକ ସ୍ଥାନାନ୍ତରିତ କରିବାକୁ ବାଧ ହେଲେ। ଆର୍ଥିକ ଏବଂ ମଣିଷ ବଳ ନ ଥିବାରୁ ବାଧ ହୋଇ ତାଙ୍କୁ ପରିବାର ଲୋକେ ଘରକୁ ନେଇଆସିଥିଲେ। ଘର ଚଳାଇବା ପାଇଁ ସ୍ତ୍ରୀ ଦିନ ମଜୁରିଆ ଭାବେ କାମ କରୁଛନ୍ତି। କେତେବେଳେ କାମ ମିଳୁଛି, ତ ପୁଣି କେତେବେଳେ ନାହିଁ। ସ୍ତ୍ରୀଙ୍କ ସ୍ୱଳ୍ପ ରୋଜଗାରରେ ପରିବାରର ଭରଣପୋଷଣ ଯେନତେନ ପ୍ରକାର ହେଉଛି।

ଲୋଧା କହନ୍ତି, ସ୍ତ୍ରୀ କାମ କରି ଯାହା ଆଣୁଛନ୍ତି ସେଥିରେ ଦୁଖେକଷ୍ଟେ ଚଳୁଛୁ। ଆର୍ଥିକ ଅବସ୍ଥା ଖରାପ ଥିବାରୁ ପିଲାମାନେ ମଧ ପାଠ ପଢ଼ିପାରୁ ନାହାନ୍ତି। ପଞ୍ଚାୟତ ନିର୍ବାଚନ ସମୟର ସ୍ଥାନୀୟ ନେତାମାନେ ଭିନ୍ନକ୍ଷମ ପରିଚୟପତ୍ର ସହ ଇନ୍ଦିରା ଆବାସ, ଅନ୍ତ୍ୟୋଦୟ କାର୍ଡ଼ କରିଦେବାର ପ୍ରତିଶ୍ରୁତି ଦେଇଥିଲେ, ହେଲେ ଏଯାଏ ମିଳିନି। ଏପରିକି ଔଷଧ ଖାଇବା ପାଇଁ ଟଙ୍କା ମିଳୁ ନାହିଁ। ଭଗବାନଙ୍କ ଭରସାରେ ପଡ଼ି ରହୁଛୁ। ସରକାରୀ ସହାୟତା ଯୋଗାଇଦେବାକୁ ସେ ନିବେଦନ କରିଛନ୍ତି।



ଶଯ୍ୟାଶାୟୀ ଲୋଧାଙ୍କ ପାଖରେ ସ୍ତ୍ରୀ ଓ ପୁଅ।

## ଟ୍ରକ୍‌କୁ ପିଟିଲା ଆମ୍ବୁଲାନ୍ସ

### ୨ ରୋଗୀ ସମେତ ଫାର୍ମାସିଷ୍ଟ, ଡ୍ରାଇଭର ଆହତ

ରୂପସା, ୨।୮(ଡି.ଏନ.ଏ.)

ବାଲେଶ୍ୱର ୬୦ ନଂ. ଜାତୀୟ ରାଜପଥର ସଦର ବ୍ଲକ ଅନ୍ତର୍ଗତ ହଳଦୀପଦା ବାଇପାସ୍ ନିକଟରେ ମଙ୍ଗଳବାର ଭୋର ସମୟରେ ଏକ ସଡ଼କ ଦୁର୍ଘଟଣା ଘଟିଛି। ଭୋଗରାଇ ଦାରୁହାରୁ ୨ଜଣ ଝାଡ଼ାବାନ୍ତି ଆକ୍ରାନ୍ତଙ୍କୁ ନେଇ ଜିଲା ମୁଖ୍ୟ ଚିକିତ୍ସାଳୟ ଆସୁଥିବା ଏକ ଆମ୍ବୁଲାନ୍ସ ଭାରସାମ୍ୟ ହରାଇ ରାଜପଥରେ ଛିଡ଼ା ହୋଇଥିବା ଏକ ଟ୍ରକ୍ ପଛପଟୁ ଧକ୍କା ଦେଇଥିଲା। ଫଳରେ ଆମ୍ବୁଲାନ୍ସରେ ଥିବା ଫାର୍ମାସିଷ୍ଟ ଗଣେଶ ଚନ୍ଦ୍ର ପ୍ରଧାନ, ଡ୍ରାଇଭର ବଳରାମ ନାୟକ, ହେଲପର ସନ୍ତୋଷ କୁମାର ମହାନ୍ତିଙ୍କ ସମେତ ରୋଗୀ ହୃଷିକେଶ ମଞ୍ଜି, ଜ୍ୟୋସ୍ନାରାଣୀ ମଞ୍ଜି ଓ ଜଣେ ସମ୍ପର୍କୀୟ ଗୁରୁତର ଆହତ ହୋଇଥିଲେ। ଘଟଣାସ୍ଥଳରେ ବସ୍ତା ଥାନା ପୋଲିସ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରି ଅନ୍ୟ ଆମ୍ବୁଲାନ୍ସ ଯୋଗେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି। ଦୁର୍ଘଟଣାଗ୍ରସ୍ତ ଆମ୍ବୁଲାନ୍ସ, ଟ୍ରକ୍‌କୁ ଜବତ ସହ ଟ୍ରକ୍ ଡ୍ରାଇଭର, ହେଲପରଙ୍କୁ ଅଟକ ରଖି ପୋଲିସ ତଦନ୍ତ ଜାରିରଖିଛି। ଉଲ୍ଲେଖଯୋଗ୍ୟ, ଭୋଗରାଇ ବ୍ଲକ ଦାରୁହା ଗ୍ରାମରେ ବିବାହ ଭୋଜି ଖାଇ ୧୫୦ରୁ ଊର୍ଦ୍ଧ୍ୱ ଅସୁସ୍ଥ ହୋଇଥିବା ବେଳେ ଜଣଙ୍କର ମୃତ୍ୟୁ ହୋଇଥିଲା। ଅସୁସ୍ଥମାନଙ୍କୁ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଗୁରୁତର ହୃଷିକାନ୍ତ ଓ ଜ୍ୟୋସ୍ନାରାଣୀଙ୍କୁ ଆମ୍ବୁଲାନ୍ସ ଯୋଗେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା।

## ଆଶ୍ରମ ସ୍କୁଲରେ ୨୦ଛାତ୍ରୀ ଅସୁସ୍ଥ

କେନ୍ଦୁଝର,୨।୮(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଝୁମ୍ପୁରା ବ୍ଲକ ଅଧୀନ ଅସନପାଟ ଆଶ୍ରମ ସ୍କୁଲରେ ୨୦ଜଣ ଛାତ୍ରୀ ଅସୁସ୍ଥ ହୋଇପଡ଼ିଛନ୍ତି। ଅସୁସ୍ଥତାର କାରଣ ଜଣାପଡ଼ି ନ ଥିଲେ ହେଁ ସେମାନେ ଚାଲିବାରେ କଷ୍ଟ ଅନୁଭବ କରୁଥିବା ସ୍କୁଲ ପକ୍ଷରୁ କୁହାଯାଇଛି।

ପ୍ରକାଶ ଯେ, ଉକ୍ତ ସ୍କୁଲରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୨୩୮ଜଣ ଛାତ୍ରୀ ରହି ପାଠ ପଢୁଛନ୍ତି। ସେମାନଙ୍କ ମଧ୍ୟରୁ ପାଖାପାଖି ୨୦ଜଣ ହଠାତ ଅସୁସ୍ଥ ହୋଇ ଚଲାବୁଲା କରିପାରିଲେ ନାହିଁ। ଫଳରେ ଏନେଇ ସ୍କୁଲ ପକ୍ଷରୁ ସ୍ୱାସ୍ଥ୍ୟ ବିଭାଗକୁ ଯୋଗାଯୋଗ କରାଯାଇଥିଲା। ମଙ୍ଗଳବାର କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରୁ ଏକ ଡାକ୍ତରୀ ଟିମ୍ ପହଞ୍ଚି ସେମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ସହ ରକ୍ତ ନମୁନା ସଂଗ୍ରହ କରିଥିଲେ। ଖବର ପାଇ ଜିଲା ମଙ୍ଗଳ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ଦାଶ ଉକ୍ତ ବିଦ୍ୟାଳୟ ପରଦର୍ଶନ କରିଥିଲେ। ଜ୍ୱର ନ ଥିବା ବେଳେ ଥଣ୍ଡା କାରଣରୁ ଗୋଡ଼ ବ୍ୟଥା ହେଉଥିବା ଆଶଙ୍କା କରାଯାଉଛି। ତେବେ ରକ୍ତ ପରୀକ୍ଷା ରିପୋର୍ଟ ଆସିବା ପରେ ସ୍ୱାସ୍ଥ୍ୟ ବିଭାଗ କାରଣ ଜାଣିପାରିବେ ଏବଂ ଉପଯୁକ୍ତ ଚିକିତ୍ସା କରାଯିବ ବୋଲି ଜିଲା ମଙ୍ଗଳ ଅଧିକାରୀ ସୂଚନା ଦେଇଛନ୍ତି।

## ଧର୍ମପରାୟଣାଙ୍କ ପରଲୋକ

ଯୋଡା,୨।୮(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡା ସହରର ପ୍ରତିଷ୍ଠିତ ଖଣି ମାଲିକ ସର୍ଗତ ରବୀନ୍ଦ୍ର ପଟ୍ଟନାୟକଙ୍କ ସ୍ତ୍ରୀ ସରୋଜିନୀ ପଟ୍ଟନାୟକ(୮୫)ଙ୍କ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ବାର୍ଦ୍ଧକ୍ୟ ଜନିତ ସମସ୍ୟା ନେଇ ଚିକିତ୍ସିତ ହେଉଥିବା ବେଳେ ସୋମବାର ରାତିରେ ମୃତ୍ୟୁ ଘଟିଛି। ପ୍ରକାଶ ଯୋଗ୍ୟକି, ସର୍ଗତ ରବୀନ୍ଦ୍ର କୁମାର ପଟ୍ଟନାୟକ ଓ ସ୍ୱର୍ଗତ ସରୋଜିନୀ ପଟ୍ଟନାୟକଙ୍କୁ ତାଙ୍କର କର୍ମଚାରୀ ଓ ଅଞ୍ଚଳବାସୀ ଖୁବ ଭଲ ପାଉଥିଲେ। ତାଙ୍କ ଉଦ୍ୟମରେ ଯୋଡ଼ାରେ ଏକ ସତ୍ୟ ସାଇ ମନ୍ଦିର ନିର୍ମାଣ ହୋଇଥିଲା। ଏହା ସହିତ ସେ ଗରିବ ଛୁଆ ମାନଙ୍କ ପାଇଁ ଜାଗା ଦେଇ ଏକ ବିଦ୍ୟାଳୟ ମଧ ପ୍ରତିଷ୍ଠା କରିଥିଲେ। ତାଙ୍କର ମୃତ୍ୟୁ ଖବର ପାଇ ଏକମାତ୍ର ପୁତ୍ର ସରୋଜ, ଜ୍ୟେଷ୍ଠ କନ୍ୟା ମନଜା ମହାନ୍ତି, କନିଷ୍ଠା କନ୍ୟା ପ୍ରଭାସ କୁମାରୀ ମୃତ୍ୟୁଶଯ୍ୟା ନିକଟରେ ଉପସ୍ଥିତ ଥିଲେ। ଏହା ସହିତ ତାଙ୍କର ସମସ୍ତ ବନ୍ଧୁବାନ୍ଧବ ପରିବାର ଲୋକ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ ପାଇଁ ଭୁବନେଶ୍ୱର ସ୍ଥିତ ବାସଭବନକୁ ଆସିଥିଲେ। ତେବେ ତାଙ୍କ ଅନ୍ତିମ କ୍ରିୟା ଭୁବନେଶ୍ୱର ସ୍ଥିତ ସତ୍ୟନଗର ଶ୍ମଶାନରେ ହୋଇଥିଲା।

## ଝାଡ଼ାବାନ୍ତି ଆକ୍ରାନ୍ତଙ୍କୁ ଭେଟିଲେ ସରପଞ୍ଚ, ସ୍ୱାସ୍ଥ୍ୟକର୍ମୀ

ଭଣ୍ଡାରିପୋଖରୀ,୨।୮(ସ୍ୱ.ପ୍ର.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ବିଷ୍ଣୁପୁର ପଞ୍ଚାୟତ ଅଧୀନ ମିରହସନପୁର ଗ୍ରାମର ବିରିବିନ୍ଧା ଶାସନ ସାହିରେ ଝାଡ଼ାବାନ୍ତିରେ ଏକାଧିକ ଲୋକ ଆକ୍ରାନ୍ତ ହୋଇଥିଲେ। ଏନେଇ ଉକ୍ତ ପଞ୍ଚାୟତ ଅଞ୍ଚଳରେ ଆତଙ୍କ ଖେଳିଯାଇଥିଲା। ଗ୍ରାମର ବୈଦେହୀ ମିଶ୍ର(୮୫), କମଳାକାନ୍ତ ମିଶ୍ର(୭୫), କୃପାସିନ୍ଧୁ ମିଶ୍ର(୫୦), କ୍ଷୀରସିନ୍ଧୁ ମିଶ୍ର(୪୨) ଓ ରତ୍ନପ୍ରଭା ମିଶ୍ର(୩୦)ଙ୍କୁ ଗୁରୁତର ଅବସ୍ଥାରେ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ସେଠାରେ ସୁସ୍ଥ ହୋଇ ୩ଜଣ ଘରକୁ ଫେରିଥିବା ବେଳେ ୨ଇଜଣ ଚିକିତ୍ସାଧୀନ ଅଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ସରପଞ୍ଚ ଅମୂଲ୍ୟ ନାୟକଙ୍କୁ ପଚାରିବାରୁ ସମସ୍ତ ରୋଗୀ ବର୍ତ୍ତମାନ ସୁସ୍ଥ ଅଛନ୍ତି। ଗାଁରେ ସ୍ୱାସ୍ଥ୍ୟ କର୍ମୀ, ଆଶାଦିଦି ଓ ଅନ୍ୟାନ୍ୟ କର୍ମଚାରୀମାନେ ପହଞ୍ଚି ସ୍ଥିତି ଉପରେ ନଜର ରଖିଥିବା ସେ କହିଛନ୍ତି।



ଝାଡ଼ାବାନ୍ତି ଆକ୍ରାନ୍ତ ଗାଁରେ ସରପଞ୍ଚ ଓ ଆଶାକର୍ମୀ।

## ବକେୟା ପାଉଣା ଦାବିରେ ଶ୍ରମିକଙ୍କ ଧାରଣା

ଚାନ୍ଦବାଲି,୨।୮(ଡି.ଏନ.ଏ.)

ଭଦ୍ରକ ଜିଲା ଚାନ୍ଦବାଲି ବିଜ୍ଞାପିତ ଅଞ୍ଚଳ ଅଧୀନ ସାଏନ୍ତାରେ ଚାଲୁଥିବା ମେଗା ଜଳ ଯୋଗାଣ ପ୍ରକଳ୍ପରେ କାମ କରିଥିବା ଶ୍ରମିକମାନେ ବକେୟା ପାଉଣା ପାଇନାହାନ୍ତି। ଏନେଇ ମଙ୍ଗଳବାର ସେମାନେ ପ୍ରକଳ୍ପ ଫାଟକ ଆଗରେ ଧାରଣାରେ ବସିଥିଲେ। ମାସ ମାସ ଧରି ଦିନ ମଜୁରିଆ ଭାବେ କାର୍ଯ୍ୟ କରୁଥିବା ୨୦ଜଣ ଶ୍ରମିକଙ୍କର ପ୍ରାୟ ଲକ୍ଷାଧିକ ଟଙ୍କା ପାଇବାକୁ ଥିବା ବେଳେ ସମ୍ପୃକ୍ତ ଠିକାଦାର ଶ୍ରମିକମାନଙ୍କୁ ସେମାନଙ୍କର ପ୍ରାପ୍ୟ ଦେଇ ନାହାନ୍ତି। ଏହି ପ୍ରକଳ୍ପରେ ନିୟୋଜିତ ଅଫିସରମାନଙ୍କୁ ଶ୍ରମିକମାନେ ବାରମ୍ବାର ଲିଖିତ ଅଭିଯୋଗ କରିବା ପରେ ନ ଶୁଣିବାରୁ ଥାନାରେ ମଧ ଅଭିଯୋଗ କରିଥିଲେ। ଧାରଣାସ୍ଥଳରେ ସ୍ଥାନୀୟ ପୋଲିସ ଓ ପ୍ରକଳ୍ପ ଇଞ୍ଜିନିୟର ଅମିତାଭ ପଟ୍ଟନାୟକ ପହଞ୍ଚି ବୁଝାଶୁଝା କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ବକେୟା ପ୍ରାପ୍ୟ ନ ମିଳିଲେ ଆଗାମୀ ଦିନରେ ଚାନ୍ଦବାଲି ଏସ୍‌ଡିପିଓଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯିବ ବୋଲି ଶ୍ରମିକ ସୁଶାନ୍ତ ଦାସ, ମୁକେଶ କୁମାର, ପ୍ରଶାନ୍ତ ସାହୁ, ରାଜୁ ରାୟ, ମାନସ ମହାଳିକ, କାହ୍ନୁ ମହାଳିକ ପ୍ରମୁଖ ଚେତାବନୀ ଦେଇଛନ୍ତି।



ପ୍ରକଳ୍ପ ଫାଟକ ଆଗରେ ଧାରଣାରେ ବସିଥିବା ଶ୍ରମିକ।

## ସଂକ୍ଷେପରେ

### ଗୋପବନ୍ଧୁ ନଗର ବ୍ଲକରେ ନିଯୁକ୍ତି ମେଳା

**କୁଆଁମରା, ୨।୮(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ପ୍ରଶାସନ ଓ ଏସ୍ଆଇଏସ୍ କଟକର ମିଳିତ ସହଯୋଗରେ ବେରୋଜଗାର ଯୁବକମାନଙ୍କ ପାଇଁ ଗୋପବନ୍ଧୁ ନଗର ବ୍ଲକରେ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ମେଳାରେ ମୋଟ ୭୪ଜଣ ବେକାରୀ ଯୁବକ ଉପସ୍ଥିତ ରହି ପଞ୍ଜୀକରଣ କରିଥିବା ବେଳେ ସେଥିମଧ୍ୟରୁ ୩୮ଜଣ ଅଫ୍ ଲାଇନ ଓ ୨ଜଣ ଅନ୍ ଲାଇନରେ ନିଯୁକ୍ତି ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ତେବେ ଏହା ବିଭିନ୍ନ କମ୍ପାନୀର ସୁରକ୍ଷା କର୍ମୀ ଓ ସୁରକ୍ଷା ଅଧିକାରୀ ପାଇଁ ଉଦ୍ଦିଷ୍ଟ ରହିଛି। ଉକ୍ତ ମେଳାରେ କଟକ ଏସ୍ଆଇଏସ୍ର ମୁଖ୍ୟ ରାଜୀବ କୁମାର ସାହା, ବିପିଏମ୍ ଦିଲ୍ଲୀପ କୁମାର ଦାସ ଓ ପଞ୍ଚାନନ ମହାପାତ୍ର ଯୋଗ ଦେଇଥିବା ବେଳେ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଓ ବ୍ଲକ କର୍ମଚାରୀମାନେ ଉପସ୍ଥିତ ଥିଲେ।

### କାର୍ଯ୍ୟରେ ଯୋଗ ଦେଲେ ଆଇଟିଡିଏର ପ୍ରଶାସକ

**କେନ୍ଦୁଝର, ୨।୮(ଡି.ଏନ୍.ଏ.):** ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ବା ଆଇଟିଡିଏ, କେନ୍ଦୁଝରର ନୂତନ ପ୍ରକଳ୍ପ ପ୍ରଶାସକ ଭାବେ ତପନ କୁମାର ନାଏକ ସୋମବାର ପୂର୍ବାହ୍ନରେ କାର୍ଯ୍ୟରେ ଯୋଗ ଦେଇଛନ୍ତି। ଓଡିଶା ପ୍ରଶାସନିକ ସେବାର ଏହି ବରିଷ୍ଠ ଅଧିକାରୀ ଏହା ପୂର୍ବରୁ ଆନନ୍ଦପୁର ତହସିଲଦାର ଭାବରେ କାର୍ଯ୍ୟ କରୁଥିଲେ। ତା' ପୂର୍ବରୁ ସେ ମାଲକାନଗିରିରେ ଡେପୁଟି କଲେକ୍ଟର ଓ ତହସିଲଦାର ଭାବେ କାର୍ଯ୍ୟ କରିଛନ୍ତି। ଜିଲାର ସଦର ଉପଖଣ୍ଡରେ ଥିବା ଆଦିବାସୀଙ୍କର ବିକାଶ ନିମନ୍ତେ ରାଜ୍ୟ ସରକାର ଓ କେନ୍ଦ୍ର ସରକାର ପ୍ରଣୟନ କରୁଥିବା ବିଭିନ୍ନ ଯୋଜନାଗୁଡିକ ସେ ଅଧିକ ଲୋକାଭିମୁଖୀ କରିବା ପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦେବେ ବୋଲି ପ୍ରକାଶ କରିଛନ୍ତି। ତାଙ୍କୁ କାର୍ଯ୍ୟାଳୟ ତରଫରୁ ସହକାରୀ ନିର୍ବାହୀ ଯନ୍ତ୍ରୀ ଜ୍ଞାନରଞ୍ଜନ ପଣ୍ଡା, ଆଇଟିଡିଏର ଏଷ୍ଟାବ୍ଲିଶମେଣ୍ଟ ଅଫିସର ଜଗବନ୍ଧୁ ରାଉତ ଓ ଅନ୍ୟାନ୍ୟ କର୍ମଚାରୀମାନେ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ।

### ୬୦ ଅନ୍ତେବାସୀଙ୍କୁ ଦିଆଗଲା ବୁଷ୍ଟର ଡୋଜ

**ଚମ୍ପୁଆ, ୨।୮(ଡି.ଏନ.ଏ.):** କେନ୍ଦୁଝର ଜିଲା ଚମ୍ପୁଆ ଉପଖଣ୍ଡ ଚିକିତ୍ସା ଅଧିକାରୀ ଡଃ ଉମାକାନ୍ତ ସାହୁଙ୍କ ନିର୍ଦ୍ଦେଶ କ୍ରମେ ଚମ୍ପୁଆ ଉପକାରାଗାରର ୬୦ଜଣ ଅନ୍ତେବାସୀଙ୍କୁ ମଙ୍ଗଳବାର କରୋନା ବୁଷ୍ଟର ଡୋଜ ଦିଆଯାଇଛି। ସୂଚନା ଅନୁସାରେ ଚିକିତ୍ସାଳୟର ଏଲ୍ଏଚ୍ଭି କବିତା ଖୁଣ୍ଟିଆ, କର୍ମଚାରୀ ଦାସରଥି ମହାନ୍ତ ଓ ପ୍ରକାଶ ଚନ୍ଦ୍ର ବେହେରା ଉପସ୍ଥିତ ରହି ମଧ୍ୟାହ୍ନରେ ଏହି ବୁଷ୍ଟର ଡୋଜ୍ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଉପକାରାଗାର ଅଧୀକ୍ଷକ ମଦନ ମହୋନ ମାରାଣ୍ଡି, ଉପଅଧୀକ୍ଷକ ଡମ୍ବୁରୁଧର ଦେହୁରୀ ଓ ଫାର୍ମାଶିଷ୍ଟ ରଞ୍ଜନ କୁମାର ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

### ରାସ୍ତାକଡ଼ ନାଳରୁ ଶିଶୁକନ୍ୟା ଭ୍ରୂଣ ଉଦ୍ଧାର

**ଖଇରା, ୨।୮(ଡି.ଏନ.ଏ.):** ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ପତିରାଜପୁର-ଡୁଙ୍ଗୁରା ରାସ୍ତାର କ୍ରସର ନିକଟସ୍ଥ ନାଳରୁ ଏକ ମୃତ ଶିଶୁ କନ୍ୟାଭ୍ରୂଣ ଉଦ୍ଧାର କରାଯାଇଛି। ଖଇରା ପୋଲିସ ପହଞ୍ଚି ତଦନ୍ତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। କେହି ଗର୍ଭନଷ୍ଟ କରି ଏହାକୁ ସୋମବାର ରାତିରେ ଫିଙ୍ଗି ଦେଇଥିବା ସନ୍ଦେହ କରାଯାଉଛି। ମଙ୍ଗଳବାର ଧାନବିଲରେ କାମ କରୁଥିବା ଲେକେ ଏହା ଦେଖି ପାଖ ଗ୍ରାମକୁ ଖବର ଦେଇଥିଲେ।

# ଶ୍ରାବଣରେ ଟାଇଁ ଟାଇଁ ଖରା

## ଅଧାରେ ପଡ଼ିଛି ଚାଷ କାମ, ଚିନ୍ତାରେ ଚାଷୀ

**ତେଲକୋଇ, ୨।୮(ଡି.ଏନ.ଏ.)**



ଚାଷୀଙ୍କ ଧାନ କ୍ଷେତର ଅବସ୍ଥା।

କେନ୍ଦୁଝର ଜିଲାର ତେଲକୋଇ ବ୍ଲକ ଏକ ଚାଷ ବହୁଳ ଆଦିବାସୀ ଅଞ୍ଚଳ। ଏହି ଅଞ୍ଚଳରେ ଚାଷୀମାନେ ଖରିଫ ଫସଲ (ଧାନ) ଉପରେ ବେଶୀ ନିର୍ଭର କରିଥାନ୍ତି। ଚାଷ କାମ ପାଇଁ ମୌସୁମୀଜନିତ ବର୍ଷା ନିତାନ୍ତ ଆବଶ୍ୟକ। ତେବେ ଜୁନ ଓ ଜୁଲାଇ ମାସରେ ବର୍ଷାର ଅଭାବ ଯୋଗୁ ଚାଷୀଙ୍କ ଚାଷ କାର୍ଯ୍ୟରେ ଗୁରୁତର ବାଧା ସୃଷ୍ଟି ହୋଇଛି। ଏହି ଅଞ୍ଚଳର ୨୨ଟି ପଞ୍ଚାୟତରେ ଜଳସେଚିତ ଜମିର ପରିମାଣ ୮,୨୨୩ ହେକ୍ଟର ରହିଛି। ସେହିପରି ଅଣ ଜଳ ସେଚିତ ଜମିର ପରିମାଣ ୭,୫୮୩ ହେକ୍ଟର ରହିଛି। ସମୁଦାୟ ୧୫,୮୦୯ ହେକ୍ଟର ଜମିରେ ଚାଷ କାର୍ଯ୍ୟ କରାଯାଇଥାଏ। ତେବେ ବର୍ଷାର ଅଭାବ ପାଇଁ ଚାଷୀ ମାନେ ଧାନ ତଳିର ଗଜା ସାଙ୍ଗକୁ ଧାନ ରୁଆ, ବିହୁଡା କାର୍ଯ୍ୟ ଆଦ୍ୟାବଧି କରିପାରି ନ ଥିବା ଚାଷୀ ଲଳିତ ପ୍ରଧାନ ପ୍ରକାଶ କରିଛନ୍ତି।

କୃଷି ବିଭାଗୀୟ ସୂଚନା ଅନୁଯାୟୀ, ୨୦୨୧ ମସିହା ଜୁନ୍ରେ ଆବଶ୍ୟକ ବର୍ଷା ୨୧୦ ମିଲିମିଟର ହୋଇଥିବା ବେଳେ ଚଳିତ ବର୍ଷ ୬୬.୦୫% ରହିଛି। ସେହିପରି ଚଳିତ ବର୍ଷ ଜୁଲାଇରେ ବର୍ଷାର ପରିମାଣ ମାତ୍ର ୩୫.୦୬ % ରହିଛି। ଏହା ନିଅଣ୍ଟିଆ ରହିଥିବା କୃଷି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ସେହିପରି ଏହି ବ୍ଲକରେ ୧୨ଟି କ୍ଷୁଦ୍ର ଜଳସେଚନର ଯୋଜନା ଥିବା ସତ୍ତେ ବର୍ଷା ଜଳର ଅଭାବ ଯୋଗୁ ଉକ୍ତ ଜଳ ଭଣ୍ଡାରରେ ଜଳ ନ ଥିବା ଯୋଗୁ ଚାଷୀ ହଇରାଣ ହେବାରେ ଲାଗିଛନ୍ତି। ଏସମ୍ପର୍କରେ କୃଷି ବିଭାଗ ଅଧକାରୀ ଆର.ହାଁସଦାଙ୍କୁ ପଚାରିବାରୁ ଆଗାମୀ ସପ୍ତାହ ମଧ୍ୟରେ ବର୍ଷା ନ ହେଲେ ଚାଷୀଙ୍କ ପାଇଁ ସମସ୍ୟା ସୃଷ୍ଟି ହେବାର ସମ୍ଭାବନା ରହିଛି। ତେବେ ଜଳ ଥିବା ଜମିରେ ଜୁଲାଇ ମାସର ବର୍ଷା ଯୋଗୁ କିଛି ପରିମାଣରେ ଚାଷ କାର୍ଯ୍ୟ ଆରମ୍ଭ ହୋଇଛି । ଏ ନେଇ ଜିଲା କୃଷି ବିଭାଗକୁ ସୂଚନା ଦିଆଯାଇଛି ବୋଲି କହିଛନ୍ତି।

# ବଜ୍ରପାତରେ ଦ୍ୱିତୀୟ ଶ୍ରେଣୀ ଛାତ୍ରଙ୍କ ସମେତ ୩ ମୃତ

**ଆନନ୍ଦପୁର/ନୀଳଗିରି/ମୋରଡା, ୨।୮(ସ୍ୱ.ପ୍ର./ଡି.ଏନ.ଏ.)**

କେନ୍ଦୁଝର, ବାଲେଶ୍ୱର ଓ ମୟୂରଭଞ୍ଜ ଜିଲାରେ ମଙ୍ଗଳବାର ଅପରାହ୍ନରେ ବଜ୍ରପାତ ହୋଇ ଜଣେ ଦ୍ୱିତୀୟ ଶ୍ରେଣୀ ଛାତ୍ରଙ୍କ ସମେତ ୩ଜଣଙ୍କ ମୃତ୍ୟୁ ଘଟିଛି। ମୃତ ଛାତ୍ରଜଣକ ହେଲେ ଆନନ୍ଦପୁର ଉପଖଣ୍ଡ ନନ୍ଦିପଦା ଥାନା ଜଳସରପୁର ଗ୍ରାମର ମଙ୍ଗୁଳି ବେହେରାଙ୍କ ପୁଅ ରାଜେଶ ବେହେରା। ସେ ବିଦ୍ୟାଳୟରୁ ସହପାଠୀ ଗଙ୍ଗାଧରଙ୍କ ସହ ଘରକୁ ଫେରିବା ବେଳେ ବାଟରେ ବଜ୍ରପାତ ହୋଇଥିଲା। ରାଜେଶ ଅଚେତ ହୋଇପଡିଥିବା ବେଳେ ଗଙ୍ଗାଧର ସାମାନ୍ୟ ଆହତ ହୋଇଥିଲେ । ପରିବାର ଲୋକେ ରାଜେଶଙ୍କୁ ଗୁରୁତର ଅବସ୍ଥାରେ ଆନନ୍ଦପୁର ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି।

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଛତ୍ରପୁର ପଞ୍ଚାୟତର କାଦୁଆଣି ଗ୍ରାମର ଜଗନ୍ନାଥ ମଲ୍ଲିକ (୩୨)ଙ୍କ ବଜ୍ରପାତରେ ମୃତ୍ୟୁ ହୋଇଛି। ଜଗନ୍ନାଥ ନିଜ ଘରଠାରୁ କିଛି ଦୂରରେ ଥିବା ବିଲରେ ଚାଷ କାମ ପାଇଁ ଯାଇଥିଲେ। ସେଠାରେ ବଜ୍ରପାତ ହେବାରୁ ସେ ବିଲରେ ଅଚେତ ହୋଇପଡ଼ିଥିଲେ। ନିକଟରେ ଗୋରୁ ଚରାଉଥିବା ଜଗନ୍ନାଥଙ୍କ ବାପା ଉପେନ୍ଦ୍ର ପୁଅ ବିଲରେ ପଡ଼ିଯିବା ଦେଖି ପାଖକୁ ଦୌଡି ଆସିଥିଲେ। ପାଖରେ କାମ କରୁଥିବା ଅନ୍ୟ ଚାଷୀମାନେ ପହଞ୍ଚି ଗୁରୁତର ଅବସ୍ଥାରେ ଜଗନ୍ନାଥଙ୍କୁ ଉଦ୍ଧାର କରି ପ୍ରଥମେ ବରହମପୁର ମେଡ଼ିକାଲକୁ ଆଣିଥିଲେ। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଚିତ୍ରଡ଼ାର ମୃତ୍ୟୁଞ୍ଜୟ ମହାନ୍ତ(୨୪)ଙ୍କ ବଜ୍ରପାତରେ ମୃତ୍ୟୁ ହୋଇଛି। ଅପରାହ୍ନରେ ଶ୍ୱଶୁର ଘର ବେତନଟୀ ବ୍ଲକ ପୁରିନ୍ଦା ଗ୍ରାମସ୍ଥିତ ବିଲକୁ କାମ କରିବାକୁ ଯାଇଥିବା ବେଳେ ବଜ୍ରପାତ ହୋଇଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି ।

# ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

**ଧାମନଗର, ୨।୮(ସ୍ୱ.ପ୍ର.)**

ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ ବନ୍ଧଟିଆ ଝଟିଆସାହିରେ ଜଣେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ମହିଳାଙ୍କୁ ସ୍ୱାମୀ ଓ ପରିବାର ଲୋକେ ହତ୍ୟା କରିଥିବା ନେଇ ରବିବାର ବିଳମ୍ବିତ ରାତିରେ ତାଙ୍କ ବାପଘର ପକ୍ଷରୁ ଧାମନଗର ଥାନାରେ ଅଭିଯୋଗ ହୋଇଛି।

ଅଭିଯୋଗ ଅନୁଯାୟୀ, ଭଣ୍ଡାରିପୋଖରୀ ଥାନା ଅଧୀନ ସରସଦା ହାଜିପୁର ଗ୍ରାମର ବିଷ୍ଣୁପ୍ରସାଦ ନାୟକଙ୍କ ଝିଆରୀ ପଦ୍ମିନୀଙ୍କର ଧାମନଗର ଥାନା ଅଞ୍ଚଳର ଲଲାଟ କିଶୋର ଜେନାଙ୍କ ସହ ୨୦୨୦ ଜୁନ୍ ୨୯ରେ ବୈଦିକ ରୀତିରେ ବିବାହ ହୋଇଥିଲା। ବିବାହ ସମୟରେ ନଗଦ ୧ଲକ୍ଷ ୧୦ହଜାର ଟଙ୍କା, ୧୫ ଭରି ସୁନାଗହଣା ସହ ସମସ୍ତ ଆସବାବପତ୍ର ଦିଆଯାଇଥିଲା। ବିବାହର ଏକ ମାସ ପରେ ଅଧିକ ଯୌତୁକ ଦାବି କରି ଶାଶୁଘର ପକ୍ଷରୁ ନିର୍ଯାତନା ଦିଆଯାଉଥିଲା। ଏହି ଘଟଣାକୁ ନେଇ ପୂର୍ବରୁ ପଦ୍ମିନୀଙ୍କ ବାପଘର ଲୋକେ ବହୁବାର ଆପୋଷ ସମାଧାନ କରିଥିଲେ। ଏହି ଦୁଇମାସ ଭିତରେ ବାପଘରୁ ଟଙ୍କା ଆଣିବା ପାଇଁ ଦୁଇଥର ପଦ୍ମିନୀଙ୍କୁ ବାପଘରକୁ ପଠାଇ ଦେଇଥିଲେ। ବାପଘର ଲୋକ ଉକ୍ତ ଟଙ୍କା ଦେଇ ନ ପାରି ବୁଝାଶୁଝା କରି ଶାଶୁଘରେ ଛାଡ଼ିଥିଲେ। ଗତ ରବିବାର ପଦ୍ମିନୀଙ୍କ ମୃତ୍ୟୁ ହୋଇଥିବା ତାଙ୍କ ଶାଶୁ ଫୋନ ଯୋଗେ ବାପଘରକୁ ଜଣାଇଥିଲେ। ବାପଘର ଲୋକେ ଆସି ପଦ୍ମିନୀଙ୍କୁ ଗୁରୁତର ଅବସ୍ଥାରେ ଚିକିତ୍ସା ପାଇଁ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବା ପରେ ଝିଅ ବଞ୍ଚିଛି ବୋଲି ଡାକ୍ତର କହି ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ପରେ କଟକରେ ଏକ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ପଦ୍ମିନୀଙ୍କ ମୃତ୍ୟୁ ହୋଇଥିଲା। ତାଙ୍କ ମୃତ୍ୟୁ ପାଇଁ ସ୍ୱାମୀ, ଶାଶୁ ଓ ନଣନ୍ଦଙ୍କୁ ଦାୟୀ କରିବା ସହ ଧାମନଗର ଥାନାରେ ପଦ୍ମିନୀଙ୍କ କକା ବିଷ୍ଣୁପ୍ରସାଦ ନାୟକ ଏତଲା ଦେବା ପରେ ଏକ ମାମଲା (ନଂ. ୩୦୪/୨୨) ରୁଜୁ ହୋଇଛି।

# ୩୭ ମୋତିଆବିନ୍ଦୁ ରୋଗୀ ଚିହ୍ନଟ

**ଜଳେଶ୍ୱର, ୨।୮(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଅଧୀନ ରାଇବଣିଆ ଅଞ୍ଚଳର ମୁଣ୍ଡୁଡୁଣିଆସ୍ଥିତ ଦୀନକୃଷ୍ଣ ସ୍ମୃତିପୀଠରେ ଏକ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇ ଯାଇଛି। ରାଇବଣିଆ, ମାକିଡିଆ, ଦକ୍ଷିଣ ପ୍ରହରାଜପୁର ଓ ଖୁଦିଆମାଝିସାହିର ବିଭିନ୍ନ ଅଞ୍ଚଳରୁ ବହୁ ଚକ୍ଷୁରୋଗୀ ଘଟଣାସ୍ଥଳକୁ ଆସିଥିବା ବେଳେ ମୟୂରଭଞ୍ଜ ଜିଲା ରଙ୍ଗାମାଟିଆସ୍ଥିତ ମହାତ୍ମାଗାନ୍ଧୀ ଚକ୍ଷୁ ଚିକିତ୍ସାଳୟରୁ ଆସିଥିବା ଡାକ୍ତରଙ୍କ ଦ୍ୱାରା ୭୬ଜଣ ରୋଗୀଙ୍କୁ ପରୀକ୍ଷା କରାଯାଇଥିଲା । ସେଥିରୁ ୩୭ଜଣ ମୋତିଆବିନ୍ଦୁ ରୋଗୀଙ୍କୁ ଚିହ୍ନଟ କରାଯାଇଛି। ଏମାନଙ୍କୁ ମାଗଣାରେ ମୋତିଆବିନ୍ଦୁ ଅପରେଶନ କରାଯିବ ବୋଲି ସ୍ୱେଚ୍ଛାସେବୀ ତପନ କୁମାର ସାହୁ, ବିପ୍ଳବ କୁମାର ପ୍ରଧାନ, ଶମ୍ଭୁନାଥ ସାହୁ, ସନ୍ତୋଷ ସାହୁ, ସଂଗ୍ରାମ ଜେନା ଓ ସନ୍ଦୀପ ସାହୁ ପ୍ରମୁଖ କହିଛନ୍ତି ।

# କାର୍ଯ୍ୟାନୁଷ୍ଠାନ ନ ହେଲେ ଆନ୍ଦୋଳନ

## ଚିକିତ୍ସା ଅବହେଳାରୁ ସେବାଶ୍ରମ ଛାତ୍ରଙ୍କ ମୃତ୍ୟୁ ଘଟଣା

**ବାରିପଦା ଅଫିସ,୨।୮**



ଦାବିପତ୍ର ଦେବାକୁ ଆସିଥିବା ସଙ୍ଗଠନର କର୍ମକର୍ତ୍ତା।

ମୟୂରଭଞ୍ଜ ଜିଲା ତିରିଂ ଥାନା ଅଧୀନ ପଣ୍ଡୁପାଣି ଆଦିବାସୀ ଆବାସିକ ବିଦ୍ୟାଳୟ ଛାତ୍ରାବାସରେ ଅନ୍ତେବସୀଙ୍କ ପ୍ରତି ଅବହେଳାକୁ ନେଇ ଅସନ୍ତୋଷ ବୃଦ୍ଧି ପାଉଛି। ଚିକିତ୍ସା ଅବହେଳାରୁ ଜଣେ ଦଶମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଦାୟିତ୍ୱରେ ଅବହେଳା କରିଥିବା ବିଦ୍ୟାଳୟ କର୍ତ୍ତୃପକ୍ଷ, ପ୍ରଧାନ ଶିକ୍ଷକ ଓ ପରିଚାଳକଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ମୟୂରଭଞ୍ଜ ମୁକ୍ତି ମୋର୍ଚ୍ଚା ସଙ୍ଗଠନର ସଭାପତି ଧରମରାଜ ହାଁସଦା ଚେତାବନୀ ଦେଇଛନ୍ତି। ଏନେଇ ସଂଗଠନ ପକ୍ଷରୁ ଏକ ପ୍ରତିନିଧି ଦଳ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ୭ଦିନ ମଧ୍ୟରେ ଦାବି ପୂରଣ ନ ହେଲେ ୧୮ନଂ. ଜାତୀୟ ରାଜପଥ ଅବରୋଧ ସହ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସମ୍ମୁ ହାଁସଦା, ସୋନାଲ ମୁର୍ମୁ, ଗୌରବ ଟୁଡୁ, ହେମନ୍ତ ବାସ୍କେ, ରଜତ ହାଁସଦା ପ୍ରମୁଖ ଉପସ୍ଥିତ ଥିଲେ ।

# 'ଽ୫୦୦ଜଣଙ୍କୁ ବନ୍ଧାଯିବ ରାଖୀ'

## ବିଶ୍ୱହିନ୍ଦୁ ପରିଷଦ ନଗର କମିଟିର ବୈଠକ

**ବାରିପଦା ଅଫିସ,୨।୮**

ବିଶ୍ୱହିନ୍ଦୁ ପରିଷଦର ମୟୂରଭଞ୍ଜ ଜିଲା(ପୂର୍ବ) ପକ୍ଷରୁ ବାରିପଦା ନଗର କମିଟିର ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯାଇଛି। ସର୍ବସମ୍ମତି କ୍ରମେ ଜିଲା ସମ୍ପାଦକ ଭାବେ ପ୍ରବୀର ରଞ୍ଜନ ଦାସବାବୁ ମନୋନୀତ ହୋଇଥିବା ବେଳେ ବାରିପଦା ନଗର କମିଟି ସଭାପତି ଭାବେ ଲମ୍ବୋଦର ବେହେରା, ଉପସଭାପତି ଅମରେନ୍ଦ୍ର ବେହେରା, ସାଧାରଣ ସମ୍ପାଦକ ମାନସ ପାତ୍ର ଏବଂ ବଜରଙ୍ଗ ଦଳ ସଂଯୋଜକ ଭାବେ ବିକାଶ ଶର୍ମାଙ୍କୁ ମନୋନୀତ କରାଯାଇଥିବା ସଭାପତି ଅଜୟ ପାଳ ଏକ ପ୍ରେସ ବିବୃତିରେ ଜଣାଇଛନ୍ତି। ସଭାପତି ପାଳଙ୍କ ପୌରହିତ୍ୟରେ ଅନୁଷ୍ଠିତ ବୈଠକରେ ପରିଷଦର ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ପୁଙ୍ଖାନପୁଙ୍ଖ ଆଲୋଚନା ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ପ୍ରାନ୍ତ ଉପସଭାପତି ପ୍ରମିଳା ଗିରି, ମୁଖ୍ୟବକ୍ତା ପ୍ରାନ୍ତ କାର୍ଯ୍ୟାଳୟ ପ୍ରମୁଖ ଉପେନ୍ଦ୍ର ପ୍ରଧାନ, ସମ୍ମାନୀତ ଅତିଥି ପ୍ରାକ୍ତନ ସଭାପତି ଦିବାକର ତ୍ରିପାଠୀ ଓ ଖଗେଶ୍ୱର ଗିରି ପ୍ରମୁଖ ଯୋଗ ଦେଇଥିଲେ। ସମ୍ପାଦକ ପ୍ରଶାନ୍ତ ଆଚାର୍ଯ୍ୟ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଆଗାମୀ ରକ୍ଷାବନ୍ଧନ ଉତ୍ସବ ପାଳନ ଅବସରରେ ପ୍ରତି ପ୍ରଖଣ୍ଡ ଓ ନଗରରେ ଅତିକମରେ ୫୦୦ଜଣଙ୍କୁ ରାଖୀ ବନ୍ଧା ଯିବ ବୋଲି ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଥିଲା। ସେହିପରି ଅଗଷ୍ଟ ୧୪ ତାରିଖରେ ଅଖଣ୍ଡ ଭାରତ ପାଳନ କରାଯିବ। ଏଥିପାଇଁ ବାରିପଦା ସହରରେ ତ୍ରିରଙ୍ଗା ଶୋଭାଯାତ୍ରା କରିବା ଲାଗି ପ୍ରସ୍ତାବ ଗୃହୀତ ହୋଇଥିଲା। ବଜରଙ୍ଗ ଦଳ ସଂଯୋଜକ ବିଶ୍ୱଜିତ ରଣାଙ୍କ ତତ୍ତ୍ୱାବଧାନରେ ସମସ୍ତ ସହଯୋଗୀଙ୍କୁ ଏଥିରେ ସାମିଲ କରାଯିବ। ଶେଷରେ ରସିକାନନ୍ଦ ମିଶ୍ର ଜୟଘୋଷ କରିବାପରେ ସଭା ସାଙ୍ଗ ହୋଇଥିଲା।

# ହିତାଧିକାରୀଙ୍କ ଆତ୍ମାହୁତି ଚେତାବନୀ

**ବନ୍ତ,୨।୮(ଡି.ଏନ୍.ଏ.)**

ଭଦ୍ରକ ଜିଲା ବନ୍ତ ବ୍ଲକ ଟିଲୋ ପଞ୍ଚାୟତ ଦେବତାଗଡିଆ ଗ୍ରାମର ଅକ୍ଷୟ କୁମାର ସେଠୀଙ୍କୁ ପକ୍କା ଘର ନ ମିଳବାରୁ ଆତ୍ମାହୁତି ଦେବା ଭଳି ନିଷ୍ପତ୍ତି ନେଇଛନ୍ତି। ଆସନ୍ତା ୧୨ ସୁଦ୍ଧା ତାଙ୍କୁ ପକ୍କା ଘରଟିଏ ମଞ୍ଜୁର କରାଇବା ପାଇଁ ବିଡିଓଙ୍କୁ ନିବେଦନ କରିଛନ୍ତି। ନହେଲେ ସ୍ୱାଧୀନତା ଦିବସରେ ଜିଲାପାଳଙ୍କ ଅଫିସ ଆଗରେ ଆତ୍ମାହୁତି ଦେବେ ବୋଲି ଅଭିଯୋଗରେ ଦର୍ଶାଇଛନ୍ତି ।

ସେ ଜଣେ ଅନୁସୂଚିତ ଜାତିର ବ୍ୟକ୍ତି ହୋଇଥିବା ବେଳେ ପରର ମୂଲ ଲାଗି ପରିବାର ପ୍ରତିପୋଷଣ କରନ୍ତି। ଅଭାବ ଅନାଟନ ଯୋଗୁ ପକ୍କା ଘର ତିଆରି କରିପାରୁ ନାହାନ୍ତି। ସେ ଗତ ୨ ବର୍ଷ ହେବ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପକ୍କାଘର ପାଇବା ନେଇ ଆବେଦନ କରିଥିଲେ । ଏନେଇ ସେ ବହୁବାର ପଞ୍ଚାୟତ ଓ ବ୍ଲକ ଅଫିସ ଯାଇଛନ୍ତି। ମାତ୍ର ପ୍ରଶାସନ ନ ଶୁଣିବାରୁ ୨୦୨୧ ମସିହା ଜାନୁୟାରୀ ୪ରେ ବ୍ଲକ ସମ୍ମୁଖରେ ଅନଶନରେ ବସିଥିଲେ। ମାର୍ଚ୍ଚ ମାସ ସୁଦ୍ଧା ତାଙ୍କୁ ଘର ମିଳିବ ବୋଲି ସେତେବେଳେ ବିଡିଓ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଏଯାଏ ତାଙ୍କୁ ଘର ମିଳିଲା ନାହିଁ। ଫଳରେ ସେ ଗତ ଅଗଷ୍ଟ ୩ରେ ବ୍ଲକ ସମ୍ମୁଖରେ ଆତ୍ମାହୁତି ଦେବେ ବୋଲି ଲିଖିତ ଜଣାଇଥିଲେ। ପୂର୍ବଭଳି ବିଡିଓ ତାଙ୍କୁ ଘର ମିଳିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ମାତ୍ର ତାଙ୍କୁ ଘର ମିଳି ନ ଥିଲା । ଫଳରେ ଗତ ଅକ୍ଟୋବର ୨୧ରେ ସେ ଜିଲାପାଳଙ୍କ ଅଫିସ ଆଗରେ ଅନଶନରେ ବସିଥିଲେ। ଚଳିତବର୍ଷ ମାର୍ଚ୍ଚ ମାସ ସୁଦ୍ଧା ତାଙ୍କୁ ଘର ଯୋଗାଇ ଦିଆଯିବ ବୋଲି ସେତେବେଳେ ଜିଲାପାଳ କହିଥିଲେ। ହେଲେ ଜିଲା ପ୍ରଶାସନ ଏପର୍ଯ୍ୟନ୍ତ କୌଣସି ଦାୟିତ୍ୱ ନେଲା ନାହିଁ। ଫଳରେ ସେ ନିରାଶ ହୋଇ ଆତ୍ମାହୁତି ଭଳି ପଦକ୍ଷେପ ନେଇଥିବା କହିଛନ୍ତି । ଏସମ୍ପର୍କରେ ବିଡିଓ ଶୁଭଦର୍ଶନ ମିଶ୍ରଙ୍କୁ ପଚାରିବାରୁ ହିତାଧିକାରୀଙ୍କ ଠାରୁ ପାଇଥିବା ଦରଖାସ୍ତଟିକୁ ଜିଲା ପ୍ରଶାସନକୁ ପଠାଇ ଦିଆଯାଇଥିବା କହିଛନ୍ତି।

# ସ୍ନାତକୋତ୍ତର ଭାଷା, ସାହିତ୍ୟ ବିଭାଗର କର୍ମଶାଳା

**ବାଲେଶ୍ୱର ଅଫିସ, ୨।୮**

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଭାଷା ଓ ସାହିତ୍ୟ ବିଭାଗ ଆନୁକୂଲ୍ୟରେ ମଙ୍ଗଳବାର 'ନାଟ୍ୟତତ୍ତ୍ୱ : ପୃଷ୍ଠଭୂମି ଓ ପ୍ରୟୋଗ' ଶୀର୍ଷକ ଏକ ଦିବସୀୟ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି।

କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆମର ସାମାଜିକ-ସାଂସ୍କୃତିକ ହିତ ସାଧନରେ ସାମ୍ପ୍ରତିକ ସମୟର ନାଟକ ତଥା ଯାତ୍ରା ମୁଖ୍ୟ ଭୂମିକା ଗ୍ରହଣ କରିବା ଉଚିତ୍ ବୋଲି ପ୍ରକାଶ କରିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟ ଅବସରପ୍ରାପ୍ତ ଓଡ଼ିଆ ଅଧ୍ୟାପକ ତଥା ବିଶିଷ୍ଟ ନାଟ୍ୟସାହିତ୍ୟ ବିଶାରଦ ପ୍ରଫେସର ନାରାୟଣ ସାହୁ ଆଲୋଚକ ଭାବରେ ଯୋଗଦେଇ ନାଟ୍ୟତତ୍ତ୍ୱ ଓ ଓଡ଼ିଆ ନାଟ୍ୟସାହିତ୍ୟର ପରମ୍ପରା ବିଷୟରେ ଆଲୋଚନା କରିଥିଲେ। ଭାଷା ସାହିତ୍ୟ ବିଭାଗର ବରିଷ୍ଠ ଅଧ୍ୟାପକ ପ୍ରଫେସର ମଣୀନ୍ଦ୍ର କୁମାର ମେହେର ସ୍ୱାଗତ ଭାଷଣ ପ୍ରଦାନ କରି ଏକବିଂଶ ଶତାବ୍ଦୀରେ ଓଡ଼ିଆ ନାଟକର ସ୍ୱରୂପ ଓ ବୈଶିଷ୍ଟ୍ୟ ଉପରେ ଆଲୋକପାତ କରିଥିଲେ। ବିଭାଗର ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରୀଛାତ୍ର ତଥା ଗବେଷକ ଏଥିରେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବିଭାଗ ମୁଖ୍ୟ ଡ. ସୋନାଲି ଦାସ ସଭାପତିତ୍ୱ କରିଥିବା ବେଳେ ଡ. ଦେବାଶିଷ ପାତ୍ର ସଂଯୋଜକ ଦାୟିତ୍ୱ ନିର୍ବାହ କରିଥିଲେ। ବିଭାଗ ପାଠଚକ୍ର ସମ୍ପାଦକ ଡ. ପ୍ରହ୍ଲାଦ ଖିଲା ଏହି ଆଲୋଚନାଚକ୍ରର ନିଷ୍କର୍ଷ ଉପସ୍ଥାପନ କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।




କର୍ମଶାଳାରେ ଯୋଗଦେଉଥିବା ଅତିଥି।

# 'ବିଦ୍ୟାଳୟ ରୂପାନ୍ତରଣ ଏକ ଯୁଗାନ୍ତକାରୀ ପଦକ୍ଷେପ'

**ନୀଳଗିରି, ୨।୮(ସ୍ୱ.ପ୍ର.)**

ବାଲେଶ୍ୱର ଜିଲାର ତୃତୀୟ ପର୍ଯ୍ୟାୟ ହାଇସ୍କୁଲ ରୂପାନ୍ତରଣ ଅଭିଯାନରେ ନୀଳଗିରି ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧୀନ ବାଲିଗୋହିରି ରତ୍ନାକର ଟାଉନ ହାଇସ୍କୁଲକୁ ଅନ୍ତର୍ଭୁକ୍ତ କରାଯାଇଛି। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟ ସଭାଗୃହରେ ପରିଚାଳନା ସମିତିର ସଭାପତି ଇଂ. ଦୀପ୍ତିକାନ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଦ୍ୟାଳୟ ପରିଚାଳନା ସମିତି, ବିଦ୍ୟାଳୟ ପରିଚାଳନା ବିକାଶ ସମିତି, ବିଦ୍ୟାଳୟ ଆଲୁମିନି ସମିତି, ପିତାମାତା ଅଭିଭାବକ ସମିତି ଓ ଛାତ୍ରୀଛାତ୍ର କ୍ୟାବିନେଟ୍ର ସଦସ୍ୟାସଦସ୍ୟମାନଙ୍କ ସମେତ ବିଦ୍ୟାଳୟ ଶିକ୍ଷୟିତ୍ରୀ, ଶିକ୍ଷକ, କର୍ମଚାରୀମାନେ ଉପସ୍ଥିତ ଥିଲେ।

ପ୍ରଧାନଶିକ୍ଷକ ବିନୋଦୀ ବିହାରୀ ପଣ୍ଡା ବିଦ୍ୟାଳୟ ରୂପାନ୍ତରଣର ଆଭିମୁଖ୍ୟ ବୁଝାଇଥିଲେ। ନୀଳଗିରି ଏନ୍ଏସି ଅଧ୍ୟକ୍ଷା ଅମ୍ବିକା ଦାସ, କାର୍ଯ୍ୟନିର୍ବାହୀ ଅଧିକାରୀ ଅକ୍ଷୟ ବଡୁ,



ବୈଠକରେ ଉପସ୍ଥିତ ପରିଚାଳନା କମିଟି କର୍ମକର୍ତ୍ତା ଓ ଅନ୍ୟମାନେ।

ଉପାଧ୍ୟକ୍ଷ ମହେନ୍ଦ୍ର ବେହେରା, ୭ ନଂ. ୱାର୍ଡ଼ର କାଉନସିଲର କମଳା ପରିଡ଼ା, କନିଷ୍ଠଯନ୍ତ୍ରୀ ଦୀପିକା ବେହେରା ଓ ସଭାପତି ଇଂ. ଦୀପ୍ତିକାନ୍ତ ମହାପାତ୍ର ବିଦ୍ୟାଳୟ ରୂପାନ୍ତରଣ ରାଜ୍ୟ ସରକାରଙ୍କର ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି ବର୍ଣ୍ଣନା କରିବା ସହିତ ଏଥିରେ ସ୍ମାର୍ଟକ୍ଲାସ, ଇ-ଲାଇବ୍ରେରୀ, ଇ-ବିଜ୍ଞାନାଗାର ନିର୍ମାଣକୁ ଅଗ୍ରାଧିକାର ଦିଆଯାଇଥିବାରୁ ଛାତ୍ରୀଛାତ୍ରଙ୍କର ଶୈକ୍ଷିକ ଓ ବୌଦ୍ଧିକ ବିକାଶରେ ଏହା ସହାୟକ ହେବ ବୋଲି ମନ୍ତବ୍ୟ ଦେଇଥିଲେ। ଶୁଦ୍ଧ ପାନୀୟ ଜଳ ପ୍ରକଳ୍ପ ଅତ୍ୟାଧୁନିକ ଶୌଚାଳୟ ନିର୍ମାଣ ପ୍ରକଳ୍ପ, ଖେଳପଡ଼ିଆର ଉନ୍ନତି ଓ ବିଦ୍ୟାଳୟ ସୌନ୍ଦର୍ଯ୍ୟକରଣ ପ୍ରକଳ୍ପ ଶେଷ ପରେ ଛାତ୍ରୀଛାତ୍ରଙ୍କର ବିଦ୍ୟାଳୟ ପ୍ରତି ନିଶ୍ଚିତ ଆକର୍ଷଣ ବଢ଼ିବ ବୋଲି ପରିଚାଳନା ସମିତି ସଦସ୍ୟ ଇଂ. ସତ୍ୟଗୋପାଳ ମହାପାତ୍ର, ସମୀର ରାୟ, ଜଗଦୀଶ ମହାପାତ୍ର, ସାମୁଏଲ ସିଂ, ସରୋଜ କୁମାର ବେହେରା, ଶରତ ଚନ୍ଦ୍ର ବେହେରା, ଆଲୁମିନି ସଦସ୍ୟ ସଞ୍ଜୟ କୁମାର ପ୍ରଧାନ, ହିମାଂଶୁ ପାଣିଗ୍ରାହୀ ଓ ଅନ୍ୟାନ୍ୟ ସଦସ୍ୟ ମତବ୍ୟକ୍ତ କରିଥିଲେ। ଶେଷରେ ସରକାରଙ୍କ ନିର୍ଦ୍ଦେଶାନୁଯାୟୀ ୫-ଟି କମିଟି ଗଠନ କରାଯାଇଥିଲା।

